READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524
# ଏକମାତ୍ର
ଅନୁସନ୍ଧାନ ପରେ ଖବର



ବର୍ଷ-୭ | ସଂଖ୍ୟା-୨୩ | ୧୯ - ୨୫ ଜୁନ୍, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-23 | 19th - 25th JUNE, 2023 | BHUBANESWAR | ₹ 5/- (8 Pages)

# ଅମଲାଙ୍କ ଆନ୍ଦୋଳନ ନା ପ୍ରତିବାଦ

**ଭୁବନେଶ୍ୱର, (ଗଦାଧର ଖୁଣ୍ଟିଆ) :** ଗଣତନ୍ତ୍ରର ସୁପରିଚାଳନା ପାଇଁ ଶାସନରେ ଥିବା ସମସ୍ତ ସୋପାନରେ ଅଧିକାରୀ ଓ କର୍ମଚାରୀ ମାନଙ୍କର କାର୍ଯ୍ୟ ତୁଲାଇବା ଦକ୍ଷତା ଓ ସହଯୋଗର ଆବଶ୍ୟକତା ରହିଛି। ସରକାରୀ କାର୍ଯ୍ୟ ପରିଚାଳନାର ପ୍ରକୃତ ସତ୍ୟତାକୁ ଅନୁଧ୍ୟାନ କଲେ ଅମଲା ମାନଙ୍କର ଯୋଗଦାନ ସମସ୍ତେ ଅନୁଭବ କରିଥାଉ ଓ ଅଙ୍ଗେ ନିଭେଇଛୁ। ସେଥିପାଇଁ ଅମଲା ମାନଙ୍କ କାର୍ଯ୍ୟ ପରିଚାଳନାକୁ ଏକ ବିଶେଷ ଭାବରେ ସ୍ଥାନିତ କରାଯାଇଛି। ଯାହାର ନାମ 'ଅମଲା ତନ୍ତ୍ର'। ଏହି ଅମଲାତନ୍ତ୍ରର କାର୍ଯ୍ୟ ପରିଚାଳନା ଓ ସମ୍ମାନ ଆଜି ସର୍ବସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଗଣତନ୍ତ୍ରରେ ସମସ୍ତଙ୍କର ଦାବି ଉପସ୍ଥାପନ କରିବାର ଅଧିକାର ବିଧିବଦ୍ଧ ମାର୍ଗଦର୍ଶିକା ଉପରେ ପର୍ଯ୍ୟବେକ୍ଷିତ। ଯାହା ସରକାରୀ ସ୍ତରରେ ସଠିକ ଭାବରେ ଉପସ୍ଥାପିତ ହେବାର ଆବଶ୍ୟକତା ଥାଏ। ତେବେ ଗତ ଜୁନ୍



୧ ତାରିଖରୁ ଆରମ୍ଭ ହୋଇଥିବା ଅମଲା ମାନଙ୍କର ଗ୍ରେଡ୍ ପେ' ସମ୍ବନ୍ଧରେ ଏକ ଦଫା ଦାବି ସମ୍ବଳିତ ଆନ୍ଦୋଳନ ପରିପ୍ରେକ୍ଷୀରେ ସର୍ବସାଧାରଣରେ ଚର୍ଚ୍ଚିତ ପ୍ରଶ୍ନ ଗୁଡିକଲା ହେଲା ଓଡ଼ିଶା ରିଭିଜନ ଅଫ୍ ପେ' ସ୍କେଲ୍ (ଓଆରପିଏସ୍) ରୁଲ୍-୨୦୧୭ରୁ ଲାଗୁ କରାଯାଇଥିଲା, ଯାହାକୁ ଅନ୍ୟମାନଙ୍କ ସହ ଅମଲା ମାନେ ଗ୍ରହଣ କରିଥିଲେ। ତେବେ ୪୦ଦିନର ପ୍ରତିବାଦ ପରେ ହଠାତ୍ ଜୁନ୍ ୧ ତାରିଖରୁ ପୂର୍ବରୁ ଗ୍ରହଣ କରିଥିବା ପେ' ସ୍କେଲ ବିରୁଦ୍ଧରେ ଏକକାଳୀନ ସମୂହ ଛୁଟିରେ ଯିବାକୁ କ'ଣ କୁହାଯାଇପାରେ ଏହା ଆନ୍ଦୋଳନ ନା ପ୍ରତିବାଦ! ସେହିପରି ସାରା ରାଜ୍ୟର ପ୍ରାୟ ୫୦୦୦୦ ଅମଲା ଭାଇଭଉଣୀ ଷ୍ଟ୍ରାଇକ୍‌ରେ ଅଛନ୍ତି। ଦାବି ହେଲା ଗ୍ରେଡ୍ ପେ' ୧୯୦୦ ଟଙ୍କାରୁ ୪୨୦୦ ଟଙ୍କାକୁ ବୃଦ୍ଧି କରିବା, ତେବେ ସମସ୍ତ ଅମଲା ମାନେ ଏହି ବର୍ଦ୍ଧିତ ଗ୍ରେଡ୍ ପେ' ପାଇବା ପାଇଁ ଯୋଗ୍ୟତା ଅଛି ତ? ଯଦି ସମସ୍ତ ଅମଲାମାନେ ଏ ଦାବିର ଦାବିଦାର ନୁହଁନ୍ତି, ତେବେ ସମସ୍ତେ କାହିଁକି ଛୁଟିରେ ଅଛନ୍ତି ଏବଂ ଏହି ଅନଧିକାର ଛୁଟି ପାଇଁ କଡା ଆଇନଗତ ପଦକ୍ଷେପ ନିଆଯାଇଛି କି? ସେହିପରି ସମସ୍ତ କାର୍ଯ୍ୟ ➤ ପୃ-୬

## କେବେ ସୁଧୁରିବ ବିଦ୍ୟୁତ ଭିତ୍ତିଭୂମି ?
### ୩୦ ବର୍ଷରେ ଖର୍ଚ୍ଚ ୩୭ ହଜାର କୋଟି



**ଭୁବନେଶ୍ୱର :** ଗୁଣାତ୍ମକ ବିଜୁଳି ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତଥାପି ସୁଧୁରି ପାରୁନି ବିଦ୍ୟୁତ ଭିତ୍ତିଭୂମି। ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁନି ନିରନ୍ତର ବିଜୁଳି ସେବା। ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ ଅନୁସାରେ, ବିଦ୍ୟୁତ ଭିତ୍ତିଭୂମି ସଜାଡ଼ିବା ପାଇଁ ରାଜ୍ୟରେ ଗତ ୩୦ ବର୍ଷରେ ୩୭ ହଜାର କୋଟି ଓ ୨୦୧୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ କାହିଁକି ସୁଧୁରୁନାହୁଁ ବିଦ୍ୟୁତ ଯନ୍ତ୍ରଣା? ବାତ୍ୟାପ୍ରବଣ ରାଜ୍ୟ ଓଡ଼ିଶାରେ ବିଦ୍ୟୁତ ଉପଭୋକ୍ତା ଚାହିଁ ବସିଛନ୍ତି, କେବେ ତାଙ୍କ ଅଞ୍ଚଳରେ ବାତ୍ୟାକୁ ସହିପାରୁଥିବା ବିଦ୍ୟୁତ ଖୁଣ୍ଟ ବସିବ ଓ ମାଟି ତଳ ଦେଇ ବିଦ୍ୟୁତ ତାର ଯିବ। କୁହାଗଲା ଯେ, ଘଣ୍ଟା ପ୍ରତି ୨୦୦ କିଲୋମିଟର ବେଗରେ ପବନ ବହିଲେ ମଧ୍ୟ ବିଦ୍ୟୁତ ସରବରାହ ପାଇଁ କିଛି ଫରକ ପଡ଼ିବନାହିଁ। ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ କହୁଛି, ବିଦ୍ୟୁତ ଭିତ୍ତିଭୂମି ସଜାଡ଼ିବା ➤ ପୃ-୬

# ଭକ୍ତଙ୍କ ସହ ସାଂଘାତିକ ଖେଳ

## ପୁରୀରେ ମିଳୁଛି ନକଲି ମହାପ୍ରସାଦ

**ପୁରୀ :** ଭକ୍ତଙ୍କ ବିଶ୍ୱାସ ସହିତ ସାଂଘାତିକ ଖେଳ। ମହାପ୍ରଭୁଙ୍କ ଅବଢ଼ା ନାଁରେ ଲୁଚାଛପାରେ ପ୍ରସ୍ତୁତ ଓ ବିକ୍ରି ହେଉଛି ନକଲି ଅବଢ଼ା। ଶ୍ରୀମନ୍ଦିରରେ ଯେପରି କୁଡୁଆରେ ଅନ୍ନ, ଡାଲି, ବେସର, ମହୁର, ଖଟା ପ୍ରସ୍ତୁତ ହୁଏ ଏହାର ଅବିକଳ ନକଲ କରାଯାଇଛି। ଚୋରଘର ସର୍ବଦା ଅନ୍ଧାର ରୁହେନି, ଠିକ୍ ସେହିପରି ଆଜି ରୋଷେଇ ହୋଇ ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଏହି ନକଲି ମହାପ୍ରସାଦ



ଧରାପଡ଼ିଛି। ପୁରୀ ଲୋକନାଥରୋଡ୍ ଅନ୍ତର୍ଗତ ପାଇକ ସାହିରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏହି ରାକେଟ ଚାଲିଥିବା ଜଣାପଡିଛି। ସାହିରେ ଥିବା ସାପୁଆ ମଠ ନାମକ ସ୍ଥାନରେ ରୋଷେଇ ନିମନ୍ତେ ସମସ୍ତ ସାମଗ୍ରୀ ଏକାଠି କରାଯାଇଥିଲା। ନଡ଼ିଆ କୋରାଯିବା ସହ ପରିବା କାଟି ଏଠାରେ ରଖା ଯାଇଥିଲା। ଏହି ମଠ ନିକଟ ଏକ ଅସ୍ଥାୟୀ ଟେଣ୍ଟରେ ଅନ୍ନ, ଡାଲି, ବେସର, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତି କରାଯାଇଛି। ଖୁବ୍ ଅପରିଷ୍କାର ପରିବେଶରେ ଏହି ରୋଷେଇ ଚାଲିଥିଲା। ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ➤ ପୃ-୬

## ରାଜ୍ୟରେ ଆରମ୍ଭ ହେବ ହେଲିକପ୍ଟର ଜରୁରୀକାଳୀନ ମେଡିକାଲ ସେବା

**ଭୁବନେଶ୍ୱର :** ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସର୍ବଦା ଆହ୍ୱାନ ପାଲଟିଥିବା ବେଳେ ଏହା ଉପରେ ନିୟନ୍ତ୍ରଣ ପାଇବା ଲାଗି ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଏହି କ୍ରମରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଖୁବ୍‌ଶୀଘ୍ର ହେଲିକପ୍ଟର ଏମର୍ଜେନ୍ସି ମେଡିକାଲ ସର୍ଭିସ (ଏଚ୍‌ଏମ୍‌ଏସ୍) ଯୋଜନା ଆରମ୍ଭ ହେବାକୁ ଯାଉଛି। ଦୁର୍ଘଟଣାରେ ଆହତଙ୍କ ସମେତ ଦୁର୍ଗମ ଅଞ୍ଚଳରେ ରହୁଥିବା ଗୁରୁତର ରୋଗୀଙ୍କୁ ହେଲିକପ୍ଟର ସହାୟତାରେ ଡାକ୍ତରଖାନା ପଞ୍ଚାଇବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ପରିବହନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ➤ ପୃ-୬

# ଅନ୍ଧକାରରେ ଉପକୂଳ ରାଜପଥ ଭବିଷ୍ୟତ

**ଭୁବନେଶ୍ୱର :** ଓଡ଼ିଶା ଦେଇ ଉପକୂଳ ରାଜପଥ ନିର୍ମାଣ ହେବ। ଓଡ଼ିଶାର ଅନେକ ଜିଲ୍ଲାବାସୀ ଏହା ଦ୍ୱାରା ଉପକୃତ ହେବେ। ଆର୍ଥିକ ବିକାଶ ହେବ ଓ ଲୋକଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିବ। ୭ ବର୍ଷ ପୂର୍ବେ ଏପରି ଗୋଲାପି ଚିତ୍ର ଦେଖାଇଥିଲେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। କିନ୍ତୁ ଏପର୍ଯ୍ୟନ୍ତ ଏହି ରାଜପଥର ଭବିଷ୍ୟତ ଉପରୁ ଅନିଶ୍ଚିତତାର ଅନ୍ଧକାର ଦୂର ହୋଇପାରି ନାହିଁ। ୨୦୧୫ ଜୁଲାଇ ମାସରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଗୋପାଳପୁର-ଦୀଘା ମଧ୍ୟରେ ଉପକୂଳ ରାଜପଥ ନିର୍ମାଣ ପାଇଁ ଘୋଷଣା କରିଥିଲେ ଏବଂ ଏହାର ତିନି ବର୍ଷ ପରେ ଏହାକୁ କେନ୍ଦ୍ର ସକରାର ମଞ୍ଜୁର



କରିଥିଲେ। ୪୪୦ କିମି ଲମ୍ବର ଉପକୂଳ ରାଜପଥ ନିର୍ମାଣ ଆରମ୍ଭ ପାଇଁ ଅଣ୍ଟା ଭିଡ଼ିଥିଲା ଏନ୍‌ଏଚ୍‌ଏଆଇ। ରାଜ୍ୟ ସରକାରଙ୍କ ସହଯୋଗରେ ଜମି ଅଧିଗ୍ରହଣ ପ୍ରକ୍ରିୟା ବି ଆରମ୍ଭ ହେଲା। ରାଜପଥ ନିର୍ମାଣ ସବୁ ପ୍ରକାର ସହଯୋଗ ଦେବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ମଧ୍ୟ ଦେଲେ। କିନ୍ତୁ ସେବେଠାରୁ ➤ ପୃ-୬

## ବକ୍ରବାଣୀ



ଖାସୀ ମାଉଁସ ଖାଇବା ପାଇଁକି
କେତେ ଡହଳ ବିକଳ ହେଲରେ
କନିଆଁ ମୁତିଲା ତୁମ ମୁହଁରେ
ରାତିଅଧେ ଭଲ ନାମ ନେଲରେ
ଅଲଜ୍ୟା ପଣରେ କଉଚି ବୋପା
ବରଯାତ୍ରୀ ମୋର ଭୋକିଲା ଥିଲେ
ଖାଇବାକୁ ଗଣ୍ଡେ ପାଇଲେ ନାହିଁ
ଭୋକ ଓପାସରେ ମୁରୁଛା ଗଲେ
କେତେ ଦିନୁ ସବୁ ଖାଇନଥିଲେ
ମାଂସ ଟିକେ ପାଇଁ ବେଇହା ହେଲେ।

—— ଟୁଟୁ

### ଜି-୨୦ କୃଷିମନ୍ତ୍ରୀମାନଙ୍କ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# 'ମାନବ ସମାଜର ଭବିଷ୍ୟତକୁ ସୁରକ୍ଷିତ କରିବାକୁ କାମ କରିବାକୁ ପଡିବ'

**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ବାର୍ତ୍ତା ମାଧ୍ୟମରେ ଜି-୨୦ କୃଷିମନ୍ତ୍ରୀମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି। ସମବେତ ମନ୍ତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ କୃଷି ମାନବ ସଭ୍ୟତାର ହୃଦୟ। ଜଣେ କୃଷିମନ୍ତ୍ରୀଙ୍କର ଦାୟିତ୍ୱ କେବଳ ଅର୍ଥନୀତିର ଗୋଟିଏ କ୍ଷେତ୍ରରେ କାମ କରିବାରେ ସୀମିତ ନୁହେଁ। ମାନବ ସମାଜର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ତାଙ୍କୁ କାମ କରିବାକୁ ମଧ୍ୟ ପଡିବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ କୃଷି ବିଶ୍ୱବ୍ୟାପୀ ୨.୫ ବିଲିୟନ ଲୋକଙ୍କୁ ଜୀବିକା ଯୋଗାଉଛନ୍ତି। ଏହା ବିଶ୍ୱର ଗରିବ ଓ ସ୍ୱଳ୍ପଉନ୍ନତ ଦେଶମାନଙ୍କର ମୋଟ ଜିଡିପିର ପ୍ରାୟ ୩୦ ଶତାଂଶ। ଏହାଛଡା ଏସବୁ ଦେଶର ୬୦ଭାଗ



ଜନତା ଏଥିରେ ନିଯୁକ୍ତ। ବିଶ୍ୱର ଦରିଦ୍ର ଓ ଅନ୍ତ୍ରୋନ୍ନତ ରାଷ୍ଟ୍ରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସେ କହିଥିଲେ ଯେ ଭୂ-ରାଜନୀତିକ ଉତ୍ତେଜନା ଓ କରୋନା ମହାମାରୀର ପ୍ରଭାବ ଯୋଗୁଁ ବିଚ୍ଛିନ୍ନ ହୋଇଥିବା ଯୋଗାଣ ବ୍ୟବସ୍ଥା ଫଳରେ ଏସବୁ ଦେଶ ସଂକଟର ସମ୍ମୁଖୀନ।ଜଳବାୟୁ ପରିବର୍ତ୍ତନ ଫଳରେ ଅତିବୃଷ୍ଟି ଓ ଅନାବୃଷ୍ଟ ଭଳି ସମସ୍ୟା ବାରମ୍ବାର ସୃଷ୍ଟି ଦେଉଥିବାରୁ ଅଳ୍ପୋନ୍ନତ ତଥା ଗରିବ ଦେଶମାନେ ବିଶେଷ ପ୍ରଭାବିତ ହେଉଛନ୍ତି। କୃଷି କ୍ଷେତ୍ରକୁ ଭାରତର ଅବଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ନୀତିରେ ବ୍ୟାକ ଟୁ ବେସିକ୍ସ (ମୂଳକୁ ଫେରିଚାଲ) ଓ ମାର୍ଚ୍ଚ ଟୁ ଫ୍ୟୁଚର (ଆଗକୁ ମାଡିଚାଲ)ର ସମ୍ମିଶ୍ରଣ ଘଟିଛି। ଭାରତ ଉଭୟ ପ୍ରାକୃତିକ କୃଷି ଓ ଟେକ୍‌ନୋଲୋଜି ଆଧାରିତ କୃଷିକୁ ପ୍ରୋତ୍ସାହିତ କରୁଛି। ସାରା ଭାରତର କୃଷକମାନେ ଏବେ ଅଧିକରୁ ଅଧିକ ପ୍ରାକୃତିକ ଚାଷ କରୁଛନ୍ତି। ସେ ଆହୁରି କହିଥିଲେ ଯେ ଭାରତର ଚାଷୀମାନେ କୃତ୍ରିମ ସାର (ସିନ୍ଥେଟିକ ଫର୍ଟିଲାଇଜର) ଓ ପୋକମରା ଔଷଧ (କୀଟନାଶକ) ବ୍ୟବହାର କରୁନାହାନ୍ତି। ଏହା ସତ୍ତ୍ୱେ ସେମାନେ ପୁନଃ ଉତ୍ପାଦନଶୀଳ ଚାଷକୁ ଅଗ୍ରାଧିକାର ଦେଉଛନ୍ତି। ମାଟି ମା'ର ଉତ୍ପାଦକତା ପ୍ରାକୃତିକ ଉପାୟରେ ବଢାଇ ସେମାନେ ଅଧିକ ଫସଲ ଉତ୍ପାଦନ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଫଳରେ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷିତ ରହିବା ସହିତ ପ୍ରତି ବିନ୍ଦୁ ଜଳରେ ଅଧିକ ଫସଲ ଉତ୍ପାଦିତ ହେଉଛି। ଭାରତର ଚାଷୀମାନେ ପ୍ରାକୃତିକ କୃଷି ମାଧ୍ୟମରେ ଜୈବିକ ଖତସାର ପ୍ରୟୋଗ କରିବା ସହିତ ଫସଲରୁ ରୋଗପୋକ ଦୂର କରିବାକୁ ପାରମ୍ପରିକ ପଦ୍ଧତିର ଉପଯୋଗ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମ ଚାଷୀମାନେ ଅଧିକରୁ ଅଧିକ ସଂଖ୍ୟାରେ ଚାଷରେ ନୂଆ ଟେକ୍‌ନୋଲୋଜି ବ୍ୟବହାର କରି ଉତ୍ପାଦନ ବଢାଉଛନ୍ତି। ଭାରତର ଚାଷୀ ଏବେ ନିଜ ଖେତରେ କିପରି ସୌରଶକ୍ତି ➤ ପୃ-୬

## 'ରତ୍ନଭଣ୍ଡାର ତୁରନ୍ତ ଖୋଲାଯାଉ'



**ଭୁବନେଶ୍ୱର :** ଶ୍ରୀମନ୍ଦିର ରତ୍ନଭଣ୍ଡାରର ସ୍ଥିତି ଓ ସୁରକ୍ଷାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କହିଛନ୍ତି ଯେ, ଯେତେଶୀଘ୍ର ସମ୍ଭବ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ସହ ଅଳଙ୍କାରର ଗଣତି କରନ୍ତୁ। ରତ୍ନଭଣ୍ଡାରରେ ଯାହା ଥିଲା ତାକୁ ଦେଖିବାରେ କୌଣସି ଅସୁବିଧା ନାହିଁ। ରତ୍ନଭଣ୍ଡାରରେ କ'ଣ ଅଛି, ତାହା ତୁରନ୍ତ ଗଣତି ହେବା ସହ ମରାମତି ହେବା ଆବଶ୍ୟକ। ଏଥିପାଇଁ ପ୍ରଶାସନିକ କମିଟି ତୁରନ୍ତ ନିଷ୍ପତ୍ତି ନେବା ଦରକାର। ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଚାବି ହଜିଗଲା ବୋଲି ଯେ ରତ୍ନଭଣ୍ଡାର ଖୋଲା ହେବନି, ତାହା ଠିକ୍ ନୁହେଁ। ତାକୁ ଖୋଲି ଯାହା ➤ ପୃ-୬




### ଶ୍ରମିକ ବଦଳରେ ମେସିନ୍ କରୁଛି କାମ

# ଭିଜିଲାନ୍ସ ତଦନ୍ତ ଦାବି

**ଅସ୍ତରଙ୍ଗ, (ଶରତ କୁମାର ପରିଡା):** ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ସବୁ ବେଆଇନ କାର୍ଯ୍ୟ କରିବା ପାଇଁ ଏକ ପ୍ରକାର ପ୍ରୋତ୍ସାହନ ଦିଆଯାଉଥିବା ନଈଗୁଆଁ ପଞ୍ଚାୟତ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। ଦୁର୍ନୀତି ଏବେ ଚରମ ସୀମାରେ ପହଞ୍ଚିଛି। ସଦ୍ୟ ଉଦାହରଣ ଏବେ ନଈଗୁଆଁ ଗ୍ରାମରେ ଦେଖିବାକୁ ମିଳିଛି। ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅମୃତ ସରୋବର ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କାର ଏକ ବ୍ୟୟଅଟକଳ ପୁରୀ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଞ୍ଜୁରୀ କରିଥିଲେ। ଏହି କାର୍ଯ୍ୟକୁ ସରକାରଙ୍କ ନିୟମ ଆଉ ଗାଇଡି ଲାଇନ ଅନୁସାରେ ଜବକାର୍ଡ ଧାରୀ କରିବା କଥା। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳି ଦେଇ ଶ୍ରମିକ ବଦଳରେ ଜେସିବି ମେସିନି ଆଉ ଟ୍ରାକ୍ଟର ଯୋଗେ କରାଯାଇଛି।କାର୍ଯ୍ୟ ଆରମ୍ଭ କରିବା ତାରିଖ ୦୬/୦୫/୨୦୨୨ ଥିଲା।କିନ୍ତୁ କାର୍ଯ୍ୟର ମଷ୍ଟର ରୋଲ ଗତ ୧୨/୦୬/୨୦୨୩ ରେ ବାହାରିଥିବା ଗ୍ରାମବାସୀମାନେ ଜାଣିବାକୁ ପାଇଲେଏହାକୁ ନେଇ ଗ୍ରାମର କେଦାର ନାଥ ବିଶ୍ୱାଳ ବିଡ଼ିଓ ବେବିତା ମଞ୍ଜରୀ ନାୟଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଅବିଯୋଗ କରିବା ପରେ ସେ କହିଲେ ଯେ ଅମୃତ ସରୋବର କାର୍ଯ୍ୟ ବହୁ ଦିନ ଆଗରୁ ଶେଷ ହୋଇଯାଇଛି। ସରପଞ୍ଚ ତାଙ୍କର ପଞ୍ଚାୟତ ତରଫରୁ କାର୍ଯ୍ୟ କରୁଥିବେ। ସେ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। ଯଦି ବ୍ଲକର ପ୍ରଶାସନିକ ଅଧିକାରୀ ଏମିତି ବେପରୁଆ ଭାବେ କଥା କହିବେ ଗ୍ରାମବାସୀମାନେ କାହାକୁ ଗୁହାରି କରିବେ।ଆଗରୁ ଏମିତିକା ବେଆଇନ କାର୍ଯ୍ୟ ନଗର, ଆଳଙ୍ଗପୁର ପଞ୍ଚାୟତରେ କରାଯାଇଥିବା ଘଟଣା ବିଡ଼ିଓଙ୍କ ନଜରକୁ ଅଣାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ➤ ପୃ-୬



EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

# ଚୀନ୍‌ରେ ଭାରତର ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତି ଶେଷ

**ବେଜିଂ :** ଚୀନ୍‌ରେ ଭାରତର ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତି ଶେଷ ହୋଇଛି। ସେଠାରେ କାର୍ଯ୍ୟରତ ଶେଷ ଭାରତୀୟ ସାମ୍ବାଦିକଙ୍କ ଭିସା ଅବଧି ବୃଦ୍ଧି ନକରି ତାଙ୍କୁ ଦେଶ ଛାଡ଼ିବା ପାଇଁ ଚୀନ୍ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସମ୍ବାଦ ସରବରାହ ସଂସ୍ଥା ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ପ୍ରତିନିଧିଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ। ଭାରତ ଓ ଚୀନ୍ ମଧ୍ୟରେ ବିବାଦ ପରିପ୍ରେକ୍ଷୀରେ ଚୀନ୍ ସରକାର ଏପରି ପଦକ୍ଷେପ ନେଇଛନ୍ତି। ବେଜିଂରେ ଭାରତୀୟ ଗଣମାଧ୍ୟମର ୪ଜଣ ପ୍ରତିନିଧି ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ସରକାରୀ ସଂସ୍ଥା 'ପ୍ରସାର ଭାରତୀ', ପିଟିଆଇ, 'ଦି ହିନ୍ଦୁ' ଓ 'ହିନ୍ଦୁସ୍ତାନ ଟାଇମ୍ସ'ର ଜଣେ ଲେଖାଏଁ ପ୍ରତିନିଧି। ଗତ ମେ'ରେ ହିନ୍ଦୁସ୍ତାନ ଟାଇମ୍ସ ପ୍ରତିନିଧିଙ୍କ ସ୍ୱୀକୃତିପତ୍ରକୁ ଚୀନ୍ ସରକାର ପ୍ରତ୍ୟାହାର କରିନେଇଥିଲେ। ଏପ୍ରିଲରେ ପ୍ରସାର ଭାରତୀ ଓ



ଦି ହିନ୍ଦୁ ପ୍ରତିନିଧିଙ୍କ ଭିସା ଚୀନ୍ ରଦ୍ଦ କରିଥିଲା। କେବଳ ପିଟିଆଇ ପ୍ରତିନିଧି ଚୀନ୍‌ରେ ରହିଯାଇଥିଲେ। ଏବେ ତାଙ୍କୁ ବିତାଡ଼ିତ କରାଯାଇଛି। ଏଥିସହିତ ଚୀନ୍ ଅଭିଯୋଗ କରିଛି ଯେ ଭାରତ ସରକାର ଏହାର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ପାତରଅନ୍ତର ସହ ଅନ୍ୟାୟୋଚିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନୂଆଦିଲ୍ଲୀରେ ଅବସ୍ଥାପିତ ଦୁଇ ଚୀନ୍ ଗଣମାଧ୍ୟମ ପ୍ରତିନିଧିଙ୍କ ଭିସା ନବୀକରଣ କରାଯାଇନାହିଁ। ଗତ ମାସରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତରେ ତାଙ୍କର ଜଣେ ମାତ୍ର ସାମ୍ବାଦିକ ଥିବା କୁହାଯାଇଥିଲା। ୨୦୨୦ରୁ ଭାରତ ସରକାର ଚୀନ୍ ସାମ୍ବାଦିକଙ୍କୁ ଭିସା ଅନୁମୋଦନ କରୁନାହାନ୍ତି। ଏହାଦ୍ୱାରା ମୋଟ ୧୪ ସାମ୍ବାଦିକଙ୍କ ମଧ୍ୟରୁ ଏବେ ମାତ୍ର ଜଣେ ଥିବା ଅଭିଯୋଗ କରାଯାଇଥିଲା। ଅପରପକ୍ଷରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏପରି ଅଭିଯୋଗକୁ ଖଣ୍ଡନ କରାଯାଇ କୁହାଯାଇଛି ଯେ ଚୀନ୍ ସମେତ ସମସ୍ତ ବୈଦେଶିକ ଗଣମାଧ୍ୟମ ପ୍ରତିନିଧି ଏଠାରେ ସେମାନଙ୍କ ପେସାଗତ କାର୍ଯ୍ୟକଳାପ ଜାରି ରଖିଛନ୍ତି ଏବଂ ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ଧାର୍ଯ୍ୟ କରାଯାଇନାହିଁ। ଗତ ମାସରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପାଇଁ ଚୀନ୍ ସାମ୍ବାଦିକଙ୍କୁ ଅସ୍ଥାୟୀ ଭିସା ପ୍ରଦାନ କରାଯାଇଥିଲା। ଭାରତରେ ସବୁ ବୈଦେଶିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେମିତି ସ୍ୱାଧୀନ ଭାବେ କାର୍ଯ୍ୟକାରିବାର ସୁଯୋଗ ଦିଆଯାଉଛି ଚୀନ୍ ସରକାର ସେଭଳି ପଦକ୍ଷେପ ନେବେ ବୋଲି ଭାରତ ଆଶା ବ୍ୟକ୍ତ କରିଛି। କିଛି ମାସ ପୂର୍ବେ ଭାରତୀୟ ସାମ୍ବାଦିକମାନେ ଚୀନ୍ ନାଗରିକଙ୍କୁ ସହାୟତା ପାଇଁ ନିୟୋଜିତ କରିବାକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଚୀନ୍ ସରକାର ଏ କ୍ଷେତ୍ରରେ କଟକଣା ଜାରି କରିବା ସହ ଭାରତୀୟ ସାମ୍ବାଦିକମାନେ ସର୍ବାଧିକ ତିନି ଜଣଙ୍କ ସହାୟତା ନେଇପାରିବେ ଏବଂ ସେହି ତିନିଜଣ ଚୀନ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଆବଶ୍ୟକ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଭାରତ ପକ୍ଷରୁ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲେ ମଧ୍ୟ ଚୀନ୍ ଅଧିକ ଉଗ୍ରତା ପ୍ରଦର୍ଶନ କରି ଭାରତୀୟ ସାମ୍ବାଦିକଙ୍କ ଭିସା ବାତିଲ କରିବା ଆରମ୍ଭ କରିଥିଲା। ପୂର୍ବରୁ ଆମେରିକୀୟ ସାମ୍ବାଦିକଙ୍କ ସହ ଚୀନ୍‌ର ଭିସା ବିବାଦ ରହିଥିଲା।

# କମିଲା ଖାଇବା ତେଲର ଦାମ

**ନୂଆଦିଲ୍ଲୀ:** ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଦେଶବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଭାରତ ସରକାର ରିଫାଇଣ୍ଡ ସୋୟାବିନ ଓ ସୂର୍ଯ୍ୟ ମୁଖୀ ତେଲ ଉପରେ ଲାଗୁଥିବା କଷ୍ଟମ ଡ୍ୟୁଟି ବା ସୀମା ଶୁଳ୍କ ହ୍ରାସ କରିଛନ୍ତି। ବୁଧବାର ସରକାର ଏନେଇ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ଗୁରୁବାର ଠାରୁ ନୂଆ ଦର ଲାଗୁ ହୋଇଛି। ସରକାର ସୋୟାବିନ ଓ ସୂର୍ଯ୍ୟମୁଖୀ ଉପରେ ଲାଗୁ ହେଉଥିବା ୧୭.୫%ର ସୀମା ଶୁଳ୍କୁ ୧୨.୫%କୁ ହ୍ରାସ କରିଛନ୍ତି। ଏହାର ଅର୍ଥ ସୀମା ଶୁଳ୍କ ୫% ହ୍ରାସ ପାଇଛି। ଖାଇବା ତେଲର ଦାମ ନିୟମନ୍ତ୍ରଣ କରିବା ଓ ଅଶୋଧିତ ଏବଂ ରିଫାଇଣ୍ଡ ତେଲର ଆମଦାନୀକୁ ସମତୁଲ ଅବସ୍ଥାରେ ରଖିବା ପାଇଁ ଏପରି ନିଷ୍ପତ୍ତି ହୋଇଛି। ନୂଆ ସଂଶୋଧିତ ନିୟମ ଅନୁଯାୟୀ, ପାମ, ସୂର୍ଯ୍ୟମୁଖୀ ଓ ସୋୟାବିନ ଭଳି ସମସ୍ତ ଅଶୋଧିତ ତୈଳ ଉପରେ ୫% ଆମଦାନୀ ଶୁଳ୍କ ଲାଗିବ। ସେହିପରି ଅନ୍ୟାନ୍ୟ ଟିକସ ୫.୫% ରହିବ। ରିଫାଇଣ୍ଡ ଖାଇବା ତୈଳ ଉପରେ ପ୍ରଭାବୀ ଆମଦାନୀ ଶୁଳ୍କ ୧୩.୭୫% ରହିବ। ଅତିରିକ୍ତ ଭାବେ ରିଫାଇଣ୍ଡ ତୈଳ ଉପରେ ଆମଦାନୀ ଶୁଳ୍କ ୧୨.୫% ସହିତ ୧୦% ସେସ ଲାଗିବ।

# ଅକ୍ଟୋବର ସୁଦ୍ଧା ସରିବ ରାମ ମନ୍ଦିର ନିର୍ମାଣ କାମ

**ନୂଆଦିଲ୍ଲୀ :** ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଚାଲିଥିବା ଭବ୍ୟ ରାମ ମନ୍ଦିରର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ମହଲା ବିଶିଷ୍ଟ ରାମ ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର



କାମ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ। ଆସନ୍ତାବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବ। ସେହିବର୍ଷ ଜାନୁଆରୀରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହେବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ରାମ ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ମନ୍ଦିର ନିର୍ମାଣ ଟ୍ରଷ୍ଟର ସଦସ୍ୟ ନୃପେନ୍ଦ୍ର ମିଶ୍ରା ଅଯୋଧ୍ୟାରେ ପହଞ୍ଚି ନିର୍ମାଣ କାମର ଯାଞ୍ଚ କରିଛନ୍ତି। ସେ ନିର୍ମାଣ କାମରେ ନିୟୋଜିତ ଅଧିକାରୀଙ୍କ ସହ ଆଲୋଚନା କରି ସବୁ କିଛିର ସମୀକ୍ଷା କରିଛନ୍ତି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ସେ କହିଛନ୍ତି। ଭବ୍ୟ ରାମ ମନ୍ଦିର ୩ ମହଲା ବିଶିଷ୍ଟ ହେବ। ଗର୍ଭଗୃହରେ ରାମ ଲଲାଙ୍କ ପ୍ରତିମାର ପ୍ରାଣ ପ୍ରତିଷ୍ଠା ଆସନ୍ତା ବର୍ଷ ଜାନୁଆରୀରେ ହେବ। ତେବେ ଏହାର ତାରିଖ ଘୋଷଣା କରାଯାଇନି। କୁହାଯାଉଛି ମକର ସଂକ୍ରାନ୍ତି ପରେ ଏହା କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ରାମ ମନ୍ଦିରର ଲମ୍ବା ୩୮୦ ଫୁଟ, ଚଉଡ଼ା ୨୫୦ ଫୁଟ, ଉଚ୍ଚତା ୧୬୧ ଫୁଟ ଓ ମନ୍ଦିରରେ ୩୯୨ଟି ପିଲାର ରହିବ। ସାଗୁଆନ କାଠରେ ମନ୍ଦିରର ୪୬ଟି ଦ୍ୱାର ନିର୍ମାଣ କରାଯିବ। ଗର୍ଭଗୃହର କବାଟରେ ସ୍ୱର୍ଣ୍ଣ ଲେପ ରହିବ।

# ସମୁଦ୍ର ଠାରୁ ସ୍ଥଳମାର୍ଗ ଚୀନ୍‌କୁ ପରାହତ କରିପାରିବ ଭାରତ

**ୱାଶିଂଟନ :** ଭାରତ ପାଇଁ ଏବେ ସବୁଠାରୁ ବଡ ବଦା ହେଉଛି ଚୀନ୍। ସବୁ ବେଳେ ସୀମାରେ ଅସ୍ଥିରତା ସୃଷ୍ଟି କରିବା ସହ ଆତଙ୍କବାଦ ନିପାତ ପାଇଁ ଜାତିସଂଘରେ ଭାରତ ନେଉଥିବା ବିଭିନ୍ନ ପଦକ୍ଷେପ ର ବିରୋଧ କରୁଛି। ପାକିସ୍ତାନକୁ ଏବେ ସହଯୋଗର ହାତ ବଢାଇବା ସହ ଅସ୍ତ୍ରଶସ୍ତ୍ର ଯୋଗାଣ କରୁଛି। ହେଲେ ଚୀନ୍‌କୁ ସ୍ଥଳପଥ ଏବଂ ଜଳପଥରେ ପରାହତ କରିବା ପାଇଁ ଆମେରିକା ଭାରତକୁ ଏକ ପ୍ରସ୍ତାବ ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ପୂର୍ବରୁ ଏହି ପ୍ରସ୍ତାବ ଦିଆଯାଇଛି। ଆମେରିକା ଠାରୁ ଯୁଦ୍ଧଭୂମିରେ ବ୍ୟବହାର କରାଯାଉଥିବା ବିଭିନ୍ନ ଡ୍ରୋନ୍‌କୁ କିଣିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଭାରତ ଆମେରିକାଠାରୁ ଅସଶସ୍ତ୍ର ବହନ କରୁଥିବା ଡ୍ରୋନ କିଣିବା ପାଇଁ ଚାହୁଁଛି। ମାତ୍ର ଏହି ବୁଝାମଣା ଏବେ ସମ୍ପୂର୍ଣ୍ଣ ହୋଇ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ଜୁନ୍ ୨୨ ତାରିଖରେ ଆମେରିକା ଗସ୍ତରେ ଯିବେ। ଏହି ସମୟରେ ୩୦ ଏମ୍‌କ୍ୟୁ ପ୍ରେଡିୟଟର ଡ୍ରୋନ୍ ପ୍ରସଙ୍ଗରେ ଅଗ୍ରଗତି ହେବ ବୋଲି ଆଶା କରାଯାଉଛି। ଚୀନ୍‌ର ପ୍ରଭାବ ହ୍ରାସ କରିବା ପାଇଁ ଆମେରିକା ଚାହୁଁଥିବା ବେଳେ ଭାରତ ହିଁ ଏଥିପାଇଁ ବଡ ସହାୟତା ଦେଇପାରିବ। ଆମେରିକା ଏବେ ବାରତ ସହ ସୈନ୍ୟ ସମ୍ପର୍କ ବୃଦ୍ଧି କରିବା ପାଇଁ ଚାହୁଁଛି। ଏମ୍‌କ୍ୟୁ ୯ ଡ୍ରୋନ ହାସଲ କରିବା ଅଧିକାର ଏବେ ଭାରତ ହାତରେ ଥିବା ବେଳେ ୩୦ ଏମ୍‌କ୍ୟୁ ପ୍ରେଡିୟଟର ଡ୍ରୋନ୍ ଭାରତ ହାସଲ କରିବ ବୋଲି ଆଶା ରହିଛି। ଏପରି ହେଲେ ଚୀନ୍‌କୁ ଜଳପଥ ଏବଂ ସ୍ଥଳପଥରେ ଚୀନ୍‌କୁ ପ୍ରତିହତ କରିପାରିବ। ଏମ୍‌କ୍ୟୁ ୯ ଡ୍ରୋନ୍ ୪୫ଫୁଟ୍ ଉପରେ ୩୫ ଘଣ୍ଟାକାଳ ଉଡାଣ ଭରି ପାରିବ। ଏଥିରେ ଲାଗିଥିବା ମିସାଇଲ୍ ଏବଂ ବୋମା ଶତ୍ରୁ ପକ୍ଷର ବିନାଶ କରିପାରିବ।

# ପ୍ରତି ୩ ଜଣରେ ୨ ଜଣ ଭାରତୀୟ ଆଧୁନିକ ଦାସତ୍ୱର ଶିକାର

**ନୂଆଦିଲ୍ଲୀ :** ଆଧୁନିକ ଦାସତ୍ୱ ଉପରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରତି ୩ ଜଣରେ ୨ ଜଣ ଭାରତୀୟ ଏଭଳି ଦାସତ୍ୱର ଶିକାର ହୋଇଛନ୍ତି। ସର୍ଭେ ଅନୁସାରେ ୨୦୨୧ରେ ପ୍ରାୟ ୫୦ ନିୟୁତ ଭାରତୀୟ ଆଧୁନିକ ଦାସତ୍ୱର ଶିକାର ହୋଇଛନ୍ତି, ଯେଉଁ ସଂଖ୍ୟା ୨୦୧୬ ତୁଳନାରେ ୧୦ ନିୟୁତ ବୃଦ୍ଧି ପାଇଛି। ଆଧୁନିକ ଦାସତ୍ୱ କହିଲେ ଲୋକମାନେ ଶୋଷଣର ଶିକାର ହେବାକୁ ବୁଝାଏ, ଯେଉଁଥିରୁ ସେମାନେ ଧମକ, ହିଂସା, ବାଧ୍ୟବାଧକତା ବା ପ୍ରତାରଣା ହେତୁ ମୁକୁଳିପାରି ନଥାନ୍ତି। ଏହା ଭିତରେ ଅଛି ବାଧ୍ୟତାମୂଳକ ଶ୍ରମ, ଦାସତ୍ୱପୂର୍ଣ୍ଣ ବିବାହ, ଋଣ ବନ୍ଧକ, ବଳପୂର୍ବକ ବାଣିଜ୍ୟିକ ଯୌନ ଶୋଷଣ, ମାନବ ଚାଲାଣ, କ୍ରୀତଦାସ ପରି କାରବାର ଏବଂ ଶିଶୁମାନଙ୍କ ଶୋଷଣ ଓ ବିକ୍ରୟ। ଏ ସବୁଥିରେ ବ୍ୟକ୍ତିର ସ୍ୱାଧୀନତାକୁ ହରଣ



କରାଯାଇଥାଏ। ସେମାନେ ସ୍ୱାଧୀନ ଭାବରେ ବୃତ୍ତି ଗ୍ରହଣ କରିପାରନ୍ତି ନାହିଁ, କୌଣସି ଚାକିରି ଛାଡ଼ିବା ବା ଗ୍ରହଣ କରିବାର ସ୍ୱାଧୀନତା ନ ଥାଏ ଏବଂ କେତେବେଳେ ଓ କାହାକୁ ବିବାହ କରିବେ ଏ ସ୍ୱାଧୀନତା ବି ନ ଥାଏ। ଏସବୁ ଆଧୁନିକ ଦାସତ୍ୱ ପଛରେ ରହିଛି ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, କୋଭିଡ୍-୧୯ ଓ ସଂଘର୍ଷ ପ୍ରଭୃତି ବିଶ୍ୱ ଆହ୍ୱାନ। ଜବରଦସ୍ତ ଓ ବାଲ୍ୟ ବିବାହ, ଅନାଥ ଶିଶୁମାନଙ୍କୁ ଚାଲାଣ, ରାଷ୍ଟ୍ର ପ୍ରାୟୋଜିତ ଗୋଟି ଶ୍ରମିକ ଓ ଅନାଥ ଚାଲାଣ ଆଦି ଆଧୁନିକ ଦାସତ୍ୱର ଫଳ। ୨୦୨୧ରେ ପ୍ରାୟ ୩.୯ ନିୟୁତ ଲୋକ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୋଟି ଖଟିବାକୁ ବାଧ୍ୟ ହୋଇଥିଲେ। ପ୍ରାୟ ୫.୪ ନିୟୁତ ଶିଶୁ ସାରା ବିଶ୍ୱରେ ଅନାଥାଶ୍ରମ ବା ଅନ୍ୟ ଅନୁଷ୍ଠାନରେ ବାସ କରୁଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟରେ ଦେଶଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି- ସର୍ବାଧିକ ପ୍ରଚଳିତ ଓ କମ୍ ପ୍ରଚଳିତ। ମୋଷ୍ଟ ପ୍ରିଭାଲେଣ୍ଟ ବା ସର୍ବାଧିକ ପ୍ରଚଳିତ ଦେଶଗୁଡ଼ିକରେ ଆଧୁନିକ ଦାସତ୍ୱ ଅଧିକ ଦେଖିବାକୁ ମିଳେ। ସେସବୁ ଦେଶ ସଂଘର୍ଷ-ପୀଡ଼ିତ ହେବାର ଅଧିକ ସମ୍ଭାବନା ଥାଏ। ସେସବୁ ଦେଶରେ ରାଷ୍ଟ୍ର-ପ୍ରାୟୋଜିତ ବେକାରୀ ଓ ଦୁର୍ବଳ ପ୍ରଶାସନ ଦେଖିବାକୁ ମିଳେ। କମ୍ ପ୍ରଚଳିତ ଦେଶରେ ଦୃଢ଼ ସରକାର ଥିବାରୁ ସେମାନେ ଆଧୁନିକ ଦାସତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ଉତ୍ତର କୋରିଆ ଆଧିକୁ ଦାସତ୍ୱ କ୍ଷେତ୍ରରେ ସର୍ବାଧିକ ପ୍ରଚଳିତ ରାଷ୍ଟ୍ର ହୋଇଥିବା ବେଳେ ସ୍ୱିଜରଲାଣ୍ଡ ହେଉଛି କମ୍ ପ୍ରଚଳିତ ଦେଶ। ଆଧୁନିକ ଦାସତ୍ୱ ବିରୋଧରେ ଇଂଲଣ୍ଡ ସର୍ବାଧିକ ୬୭.୯ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଇରାନ ସବୁଠାରୁ କମ୍ ୭.୭ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉତ୍ତର କୋରିଆରେ ସର୍ବନିମ୍ନ ବିଯୁକ୍ତ ୨.୬ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସୀୟ ଦେଶଗୁଡ଼ିକ ଭିତରେ ବାଂଲାଦେଶ, ଶ୍ରୀଲଙ୍କା ଓ ଫିଲିପିନ୍ସ ଯଥାକ୍ରମେ ୪୮.୭, ୪୮.୭ ଓ ୫୯ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାରତର ସ୍ଥାନ କେତେକ ପଡ଼ୋଶୀ ଦେଶର ତଳେ ଥିବା ବେଳେ ଚୀନ୍, ଦକ୍ଷିଣ କୋରିଆ ଓ ଜାପାନଠାରୁ ଉପରେ ରହିଛି। ଆଧୁନିକ ଦାସତ୍ୱ ଦୂର କରିବା ପାଇଁ ଭାରତ ୪୬.୨ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ତୃତୀୟ ବିଶ୍ୱଯୁଦ୍ଧ ମୁହାଁ ବିଶ୍ୱ

# ପରମାଣୁ ଅସ୍ତ୍ରଶସ୍ତ୍ର ମହଜୁଦ ବଢୁଛି

**ନ୍ୟୁୟର୍କ :** ବିଶ୍ୱସ୍ତରରେ ରାଷ୍ଟ୍ର-ରାଷ୍ଟ୍ର ସମ୍ପର୍କ ତିକ୍ତ ହେଉଥିବାବେଳେ ଆତ୍ମରକ୍ଷା ଏବଂ ପ୍ରତିପକ୍ଷକୁ ଜବାବ ଦେବାକୁ ରାଷ୍ଟ୍ରଗୁଡିକ ଦ୍ୱାରା ପରମାଣୁ ଅସ୍ତ୍ରଶସ୍ତ୍ର ସଂଗ୍ରହ ଓ ମହଜୁଦ ଦ୍ରୁତ ବୃଦ୍ଧିପାଇବାରେ ଲାଗିଛି। ଏହାଦ୍ୱାରା ମାନବ ସଭ୍ୟତା ଇତିହାସର ଅନ୍ୟତମ ସର୍ବାଧିକ ବିପଜ୍ଜନକ ସମୟରେ ପହଞ୍ଚିଯାଇଛି ବୋଲି ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିପ୍ରି)ର ଏକ ରିପୋର୍ଟରେ କୁହାଯାଇଛି। ସମ୍ପ୍ରତି ବିଶ୍ୱରେ ପ୍ରାୟ ୧୨,୫୧୨ଟି ପରମାଣୁ ବୋମା ରହିଥିବା ଆକଳନ କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୮୬ଟି ଅଧିକ। ସେଥିମଧ୍ୟରୁ ୯୭୫୬ଟି ସାମରିକ ମହଜୁଦ ଏବଂ ଯେକୌଣସି ମୁହୂର୍ତ୍ତରେ ବ୍ୟବହାର ନିମନ୍ତେ ପ୍ରସ୍ତୁତ ରହିଛି। ଅନ୍ୟପକ୍ଷରେ ୩୮୪୪ଟି ପରମାଣୁ ବୋମାକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ବର୍ଷକ ପୂର୍ବରୁ ମୁତୟନ କରାଯାଇଥିବା ପରମାଣୁ ବୋମା ସଂଖ୍ୟା ୩୭୩୨ ଥିଲା। ବିଶ୍ୱରେ ମହଜୁଦ ଥିବା ପରମାଣୁ ବୋମାଗୁଡିକ ମଧ୍ୟରୁ ପାଖାପାଖି ୯୦ ପ୍ରତିଶତ ରୁଷିଆ ଓ ଆମେରିକା ପାଖରେ ରହିଛି। ଏକ ତଥ୍ୟ ଅନୁଯାୟୀ ମସ୍କୋ ନିକଟରେ ୪୪୮୯ଟି ପରମାଣୁ ବୋମା ରହିଥିବାବେଳେ ୱାଶିଂଟନ ପାଖରେ ୩୭୦୮ ପରମାଣୁ ବୋମା ରହିଛି। ଏହାସହିତ ଉଭୟ ରାଷ୍ଟ୍ରନିକଟରେ ୧ହଜାରରୁ ଅଧିକ ବୋମା ରହିଛି, ଯାହା ପୂର୍ବରୁ ସାମରିକ ସେବାରୁ ନିବୃତ୍ତ ହୋଇଛି। ସିପ୍ରିର ନିର୍ଦ୍ଦେଶକ ଡାନ୍ ସ୍ମିଥ୍ କହିଛନ୍ତି, ଏହି ସଂଖ୍ୟା ତଥାପି ଅସ୍ପଷ୍ଟ ରହିଛି। ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ସେମାନଙ୍କ ନିକଟରେ ଥିବା ପରମାଣୁ ଯୁଦ୍ଧାସ୍ତ୍ର ସମ୍ପର୍କରେ ସ୍ପଷ୍ଟ ତଥ୍ୟ ପ୍ରକାଶ କରୁନାହାନ୍ତି। ବିଶେଷକରି ୟୁକ୍ରେନ ଉପରେ ରୁଷିଆ ପକ୍ଷରୁ ଆକ୍ରମଣ କରାଯିବା ପରବର୍ତ୍ତୀ ସମୟରେ ରାଷ୍ଟ୍ରଗୁଡିକର ଅସ୍ତ୍ରଶସ୍ତ୍ର ସାମର୍ଥ୍ୟକୁ ନେଇ କୌଣସି



ସ୍ପଷ୍ଟ ତଥ୍ୟ ପଦାକୁ ଆସୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଗତବର୍ଷ ତୁଳନାରେ ଚଳିତ ବର୍ଷ ୮୬ଟି ଅଧିକ ପରମାଣୁ ବୋମା ପ୍ରସ୍ତୁତ କରାଯାଇଥିବାବେଳେ ସେଥିମଧ୍ୟରୁ ୬୦ଟି ଚୀନ ପାଖରେ ରହିଛି। ଚୀନ ତାହାର ପରମାଣୁ ବୋମା ମହଜୁଦ ସଂଖ୍ୟା ବର୍ଷକ ମଧ୍ୟରେ ୩୫୦ରୁ ୪୧୦କୁ ବୃଦ୍ଧିକରିଛି। ୨୦୩୫ ସୁଦ୍ଧା ଚୀନ ଏହି ସଂଖ୍ୟା ୯୦୦ରେ ପହଞ୍ଚାଇବା ଯୋଜନା କରିଥିବା ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟରୁ ଜଣାଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବେଲାରୁଷରେ ପରମାଣୁ କ୍ଷେପଣାସ୍ତ୍ର ମୁତୟନ ସମ୍ପର୍କରେ ଘୋଷଣା କରିବା ପରଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ପରମାଣୁ ଅସ୍ତ୍ର ମହଜୁଦ ନେଇ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟ ସେମାନଙ୍କର ଘାତକ ଅସ୍ତ୍ରଶସ୍ତ୍ର ସଂଖ୍ୟା ବୃଦ୍ଧି କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର ବିତରଣ ବ୍ୟବସ୍ଥାରେ ବିକାଶ କରୁଛନ୍ତି। ସିପ୍ରି ମତରେ ରୁଷିଆ-ୟୁକ୍ରେନ ଯୁଦ୍ଧ ବିଶ୍ୱରେ ପରମାଣୁ କୂଟନୀତି ପ୍ରତି ଗୁରୁତର କ୍ଷତି ପହଞ୍ଚାଇଛି। କାରଣ ଏକ ସୂତ୍ର ଅନୁଯାୟୀ ଆମେରିକା ପ୍ରଶାସନ ଇତିମଧ୍ୟରେ ରୁଷିଆ ସୀମାକୁ ଲାଗିଥିବା କିଛି ଅଣନାଟୋ ରାଷ୍ଟ୍ରରେ ପରମାଣୁ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ଏହାଦ୍ୱାରା ଯେକୌଣସି ସମୟରେ ପରିସ୍ଥିତି ଅଧିକ ବିଗିଡିଲେ କୌଣସି ନା କୌଣସି ରାଷ୍ଟ୍ର ପରମାଣୁ ଅସ୍ତ୍ର ପ୍ରୟୋଗ କରିବା ଏବଂ ତାହାଦ୍ୱାରା ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହୋଇପାରେ ବୋଲି ବହୁ କୂଟନୀତିଜ୍ଞ ଏବଂ ସାମରିକ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି।

# ଅଜିତ ଡୋଭଲ ଅନ୍ତର୍ଜାତୀୟ ସମ୍ପତ୍ତି: ଆମେରିକା ରାଷ୍ଟ୍ରଦୂତ



**ନୂଆଦିଲ୍ଲୀ :** ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଏରିକ୍ ଗାରସେଟ୍ଟି ଭାରତର ଏନ୍‌ଏସ୍‌ଏ (ଜାତୀୟ ସୁରକ୍ଷା ଉପଦେଷ୍ଟା) ଅଜିତ ଡୋଭଲଙ୍କୁ ପ୍ରଶଂସା କରିଛନ୍ତି ଏବଂ ତାଙ୍କୁ 'ଅନ୍ତର୍ଜାତୀୟ ସମ୍ପତ୍ତି' କହିଛନ୍ତି। ଭାରତର ଏନସଏ ଅଜିତ ଡୋଭଲ କେବଳ ରାଷ୍ଟ୍ରୀୟ ସମ୍ପତ୍ତି ନୁହନ୍ତି ବରଂ ସେ ଅନ୍ତର୍ଜାତୀୟ ସମ୍ପତ୍ତି ବୋଲି ଏରିକ୍ କହିଛନ୍ତି। ଭାରତ ଏବଂ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ଆମେରିକା ରାଷ୍ଟ୍ରଦୂତ ଉଚ୍ଚ ପ୍ରଶଂସା କରିଛନ୍ତି। ଏରିକ କହିଛନ୍ତି, ଭାରତୀୟମାନେ ଆମେରିକୀୟଙ୍କୁ ଭଲପାଆନ୍ତି ଏବଂ ଆମେରିକୀୟମାନେ ମଧ୍ୟ ଭାରତୀୟଙ୍କୁ ଭଲପାଆନ୍ତି। ଇତିମଧ୍ୟରେ ଆମେରିକା ଏନଏସଏ ଜେକ୍ ସୁଲ୍ଲିଭାନ ମଙ୍ଗଳବାର ୨ ଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭଲଙ୍କୁ ସେ ଭେଟିଥିଲେ ଏବଂ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ୩ ବର୍ଷର ସର୍ବନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ :** ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପରେ ଏବେ ପାଇକାରୀ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ହାର ୩ ବର୍ଷର ସର୍ବ ନିମ୍ନ ସ୍ତରରେ ପହଞ୍ଚିଛି। ଗତ ମେ ମାସରେ ଏହା ହ୍ରାସ ହୋଇ ବିଯୁକ୍ତ ୩.୪୮ ପ୍ରତିଶତକୁ ପହଞ୍ଚିଥିବା ଜଣାପଡିଛି। ୨୦୨୦ ମସିହା ଜୁନ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତିର ଏହା ସର୍ବନିମ୍ନ ସ୍ତର ବୋଲି କୁହାଯାଉଛି। ଏହା ପୂର୍ବରୁ ମେ ୨୦୨୦ରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ହାର ବିଯୁକ୍ତ ୩.୩୭ ପ୍ରତିଶତ ଥିଲା। ଏହା ପୂର୍ବମାସ ଅର୍ଥାତ ଏପ୍ରିଲ ୨୦୨୩ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୯୨ ପ୍ରତିଶତକୁ ଖସିଥିଲା। ଗତ ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର (ରିଟେଲ ଇନ୍‌ଫ୍ଲେସନ) ୪.୨୫ ପ୍ରତିଶତକୁ ହ୍ରାସ ହୋଇ ଗତ ୨୫ ମାସର ସର୍ବ ନିମ୍ନ ସ୍ତରକୁ ପହଞ୍ଚିଥିଲା। ଦେଶରେ ଖଣିଜ ତୈଳ, ବୟନ ସାମଗ୍ରୀ ଓ ଖାଦ୍ୟ ପଦାର୍ଥର ମୂଲ୍ୟ ହ୍ରାସ ଯୋଗୁ ଦେଶରେ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ଦେଖାଯାଇଛି। ସେହିପରି ଅଶୋଧିତ ତୈଳ ଓ ପେଟ୍ରାଲିୟମ ଉତ୍ପାଦ ସହିତ, ପ୍ରାକୃତିକ ଗ୍ୟାସ୍, କେମିକାଲ ଓ କେମିକାଲ ଉତ୍ପାଦ ମୂଲ୍ୟରେ ମଧ୍ୟ ବେଶ୍ ହ୍ରାସ ଦେଖାଯାଇଛି। ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ହ୍ରାସର ପ୍ରଭାବ ସୁଧହାରରେ ମଧ୍ୟ ଦେଖାଯାଇପାରେ। ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ହାର ଲଗାତାର ଦ୍ୱିତୀୟ ମାସରେ ଶୂନରୁ ତଳକୁ ରହିଛି। ଏପ୍ରିଲରେ ଏହା -୦.୯୨ ପ୍ରତିଶତ ଥିଲା। ବର୍ଷକ ପୂର୍ବେ ୨୦୨୨ ଏହି ମାସରେ ପାଇକାରୀ ମୁଦ୍ରାସ୍ଫୀତି ୧୬.୬୩ ପ୍ରତିଶତରେ ଥିଲା। ମେ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହ୍ରାସ ହୋଇ ୧.୫୧ ପ୍ରତିଶତକୁ ଆସିଯାଇଛି ଯାହା ଏପ୍ରିଲ ମାସରେ ୩.୫୪ ପ୍ରତିଶତରେ ଥିଲା। ଶକ୍ତି ବିଭାଗରେ ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ -୯.୧୭ ପ୍ରତିଶତକୁ ପହଞ୍ଚିଛି। ଯାହା ଏପ୍ରିଲରେ ୦.୯୩ ପ୍ରତିଶତ ଥିଲା। ବିନିର୍ମାଣ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ମେ ମାସରେ ଶୂନରୁ ୨.୯୭ ପ୍ରତିଶତ ତଳେ ରହିଛି। ଏପ୍ରିଲରେ ମଧ୍ୟ -୨.୪୨ ପ୍ରତିଶତ ଥିଲା।

## କେମିତି କଟିବ ଏ ସପ୍ତାହ

**ମେଷ** - ଋତୁ ଜନିତ ରୋଗ ହୋଇପାରେ। ବ୍ୟୟରେ ବୃଦ୍ଧି ହେବ। ପରିବାରରେ ସମୟ କଟିବ। କାର୍ଯ୍ୟ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ। ନୂଆ ଜିନିଷ କିଣିପାରନ୍ତି। ପ୍ରତିକାର : ଶ୍ରୀରାମଙ୍କ ଆରାଧନା ଓ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** - ଆତ୍ମବଳ ବୃଦ୍ଧି ହେବ। ବ୍ୟବସାୟୀମାନେ ସଫଳତା ପାଇବେ। ଉଧାର ଦେଇଥିବା ଧନ ଫେରସ୍ତ ପାଇବେ। ନୂଆ ଚାକିରି ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ପ୍ରତିକାର : ଶିବାଳୟରେ ଧଳା ଚନ୍ଦନ ଦାନ କରନ୍ତୁ।

**ମିଥୁନ** - ଖାଦ୍ୟ ଉପରେ ସତର୍କ ରହନ୍ତୁ। ପିତାଙ୍କ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସନ୍ତାନପ୍ରାପ୍ତି ଯୋଗ ଅଛି। ଦମ୍ପତିଙ୍କ ମତାନ୍ତର ହୋଇପାରେ। ପ୍ରତିକାର : ଛୋଟ କନ୍ୟାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**କର୍କଟ** - ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ପୂର୍ବରୁ କରିଥିବା ନିବେଶରୁ ଧନପ୍ରାପ୍ତି ଯୋଗ ଅଛି। ବିପରୀତ ଲିଙ୍ଗ ବ୍ୟକ୍ତିଙ୍କ ପ୍ରତି ଆକର୍ଷିତ ହୋଇପାରନ୍ତି। ପ୍ରତିକାର : ଭଗବାନ ଶିବଙ୍କୁ ତମ୍ବା ପାତ୍ରରେ ଜଳାଭିଷେକ କରନ୍ତୁ।

**ସିଂହ** - ଯୋଗ ଓ ପ୍ରାଣାୟମ କରନ୍ତୁ। ବ୍ୟବସାୟରେ ଶୁଭ ଖବର ପାଇବେ। ପରିବାର ଖର୍ଚ୍ଚରେ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟରେ ଶୁଭ ଖବର ମିଳିବ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଆଗରେ ଦୀପ ଜାଳନ୍ତୁ।

**କନ୍ୟା** - ମନ ଅସ୍ଥିର ରହିବ। ବ୍ୟବସାୟରେ ଅନେକ ନୂଆ ସୁଯୋଗ ଆସିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ବନ୍ଧୁଙ୍କ ସହଯୋଗ ମିଳିବ। ପ୍ରତିକାର : ଦରିଦ୍ରଙ୍କୁ ଭୋଜନ ସାମଗ୍ରୀ ଦାନ କରନ୍ତୁ।

**ତୁଳା** - ଥଣ୍ଡା ଓ ଶର୍ଦ୍ଦି ରୋଗ ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ପରୀକ୍ଷା ନିରୀକ୍ଷା କରି କାଗଜରେ ଦସ୍ତଖତ କରନ୍ତୁ। ପ୍ରତିକାର : ବୈଭବଲକ୍ଷ୍ମୀଙ୍କ ଆରାଧନା ଲାଭ ଦାୟକ ହୋଇପାରେ।

**ବିଛା** - ଆତ୍ମବିଶ୍ୱାସ ବଢ଼ିବ। ଧନପ୍ରାପ୍ତି ଯୋଗ ଅଛି। ସମସ୍ତ କାର୍ଯ୍ୟକୁ ସ୍ଥିରତାର ସହ କରନ୍ତୁ। ଚାକିରୀ କ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ନୂଆ ଦ୍ରବ୍ୟ କିଣିପାରନ୍ତି। ପ୍ରତିକାର : ମନ୍ଦିର ଯାଇ ରାଶି ତେଲ ଦୀପ ଦାନ କରନ୍ତୁ।

**ଧନୁ** - ଚିନ୍ତିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବାଣୀରେ ଲଗାମ ରଖନ୍ତୁ। କେହି ଧୋକା ଦେଇ ପାରେ। ପ୍ରେମରେ ତୃତୀୟ ବ୍ୟକ୍ତି ହସ୍ତକ୍ଷେପ କରିପାରନ୍ତି। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ମକର** - ସ୍ୱାସ୍ଥ୍ୟ ଭଲ ରହିବ। ଅଦରକାରୀ କଥାରେ ମନ ଦିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ପ୍ରତିକାର: ପକ୍ଷୀଙ୍କୁ ଦାନ ଦିଅନ୍ତୁ। ବରଗଛରେ ପାଣି ଦିଅନ୍ତୁ।

**କୁମ୍ଭ** - ନୂଆ ଚିନ୍ତାଧାରା ଯୋଗୁ ଲାଭବାନ ହେବେ। ପୂର୍ବ ବିବାଦର ସମାଧାନ ହେବ। ମହିଳାମାନେ ସଫଳ ହେବେ। ବନ୍ଧୁଙ୍କ ସହଯୋଗ ପାଇଷବ। ଅନ୍ୟକୁ ସନ୍ଦେହ କରିବେ। ପ୍ରତିକାର :ଶିବ ଚାଳିଶା ପାଠ କରନ୍ତୁ।

**ମୀନ** - ଆଳସ୍ୟ ତ୍ୟାଗ କରନ୍ତୁ। ସକାରାତ୍ମକ ସ୍ୱାଭାବ ହିଁ ସଫଳତା ଦେବ। କାର୍ଯ୍ୟକ୍ଷେତ୍ରରେ ବେପରୁଆ ହୁଅନ୍ତୁ ନାହିଁ। ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଯାତ୍ରା କରନ୍ତୁ ନାହିଁ। ପ୍ରତିକାର : ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଦିଅନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ପାଚିକା -ସହାୟିକା ମାନଙ୍କୁ ଭତ୍ତା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ସାରା ସମାଜ ଆପଣମାନଙ୍କ ନିକଟରେ ଋଣୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ରାଜ୍ୟର ବିଦ୍ୟାଳୟ ଗୁଡିକରେ ନିୟୋଜିତ ଥିବା ପାଚିକା-ସହାୟିକା ମାନଙ୍କ ପାଇଁ ୧୧୭ .୭୩ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଥିବା ବେଳେ ଶାଢ଼ି ପାଇଁ ଭତ୍ତା ମଧ୍ୟ ପ୍ରଦାନ କରିଛନ୍ତି। ଆର୍ଥିକ ସହାୟତା ଭାବେ ୧୧୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ପ୍ରତ୍ୟେକ ପାଚିକା ଓ ସହାୟିକାଙ୍କୁ ସାଢି ପାଇଁ ୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି। ରାଜ୍ୟର ଏକ ଲକ୍ଷ ନଅ ହଜାର ପାଚିକାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫.୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ପିଲାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ତଥା ପୃଷ୍ଟି ନିରାପତ୍ତା ପାଇଁ ମଧ୍ୟାହ୍ନ ଭୋଜନର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ପାଚିକା ଓ ସହାୟିକାମାନେ ଏହି ଗୁରୁ ଦାୟିତ୍ୱ ବହନ କରୁଛନ୍ତି। ୫୦ ହଜାର ରୁ ଅଧିକ ସ୍କୁଲରେ ୪୫ ଲକ୍ଷରୁ ଅଧିକ ପିଲା ପଢୁଛନ୍ତି। ଆପଣମାନେ ମା ପରି ଏ ସବୁ ପିଲାମାନଙ୍କର ଖାଇବା ଦାୟିତ୍ୱ ନେଇଛନ୍ତି। ତେଣୁ ସାରା ସମାଜ ଆପଣମାନଙ୍କ ନିକଟରେ ଋଣୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୪୭୩୦ ମିଶନ ଶକ୍ତି ଗୋଷ୍ଠୀଙ୍କ ଜରିଆରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅନ୍ୟାନ୍ୟ ସବୁ ଦାୟିତ୍ୱ ପରି ଏ ଦାୟିତ୍ୱ ମଧ୍ୟ ଆପଣମାନେ ଭଲ ଭାବରେ ପାଳନ କରୁଛନ୍ତି । ମିଶନ ଶକ୍ତିର ସୁନାମ ଦିନକୁ ଦିନ ବଢି ଚାଲିଛି ବୋଲି ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତି ଜରିଆରେ ମା ମାନଙ୍କ ସଶକ୍ତିକରଣ ପାଇଁ ଉଦ୍ୟମ ଜାରି ରହିବ। ପାଚିକା ଓ ସହାୟିକାମାନଙ୍କୁ ଖାଦ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ତାଲିମ ଦିଆଯାଇଛି ବୋଲି ପ୍ରକାଶ କରି ସେମାନେ ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଅଭିଭାଷଣ ଦେଇ ରାଜ୍ୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଗୁଡିକରେ ଉପସ୍ଥାପନ ଓ ପୃଷ୍ଟିହୀନତା ଦୂର କରିବାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥି. ଏସ୍. ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ନୋଡାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ୫୦,୮୬୨ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୫.୫୦ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ୪୭୩୦ ମିଶନ ଶକ୍ତି ଗୋଷ୍ଠୀର ୧.୦୯ ଲକ୍ଷ ପାଚିକା ଓ ସହାୟିକାମାନେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସାମିଲ ଅଛନ୍ତି। ପୂର୍ବରୁ ୨୦୧୭-୧୮ ମସିହାରେ ସେମାନଙ୍କ ପାଇଁ ଶାଢ଼ି ଭତ୍ତା ବାବଦରେ ଜଣ ପିଛା ୨୫୦ ଟଙ୍କା ମଞ୍ଜୁର କରାଯାଇଥିଲା।

# ମହିମା ପୀଠରେ ହେବ ସମ୍ପୂର୍ଣ୍ଣ ରୂପାନ୍ତର

## ୧୧୨ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର :** ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ଗାଦି ପୀଠରେ ହେବ ସମ୍ପୂର୍ଣ୍ଣ ରୁପାନ୍ତର। କାୟାକଳ୍ପରେ ଆସିବ ପୁରା ପରିବର୍ତ୍ତନ। ଗତ ମେ ୨୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ସଚିବ ୫ଟି ଭି କେ ପାଣ୍ଡିଆନ୍ ମହିମା ପୀଠ ପରିଦର୍ଶନ କରି ସାଧୁ ସନ୍ଥ ଓ ଭକ୍ତ ମାନଙ୍କ ସହିତ ପୀଠର ସମ୍ପୂର୍ଣ୍ଣ ରୁପାନ୍ତର ବିଷୟରେ ଆଲୋଚନା କରିଥିଲେ ଏବଂ ୧୫ ଦିନ ଭିତରେ ପ୍ରକଳ୍ପ ରିପୋର୍ଟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ ଅନୁସାରେ ଜିଲ୍ଲାପାଳ ୧୧୨ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି। ଏଥିରେ ପୀଠର ସର୍ବାଙ୍ଗୀନ ବିକାଶ ସହିତ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ସମାଧି ମନ୍ଦିରର ପୁନଃ ନିର୍ମାଣ, ପ୍ରାର୍ଥନା ଗୃହ, ପାଚେରୀ, ପୁଷ୍କରିଣୀ ପୁନରୁଦ୍ଧାର, ବସ ଷ୍ଟାଣ୍ଡ, କୌପୀନ ଧାରି ମହିମା ସମାଜ ପୀଠ ପୁନ ନିର୍ମାଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ନିର୍ମାଣ କରାଯିବ। ପୀଠ ଭିତରେ ଆଭ୍ୟନ୍ତରୀଣ ସଡ଼କ ସହିତ ପୁରା ସ୍ଥାନର ଆଲୋକି କରଣ କରାଯିବ। ଜଗନ୍ନାଥ ମନ୍ଦିର ଠାରୁ ସ୍କୁଲ ପଡିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ସୌନ୍ଦର୍ଯ୍ୟ କରଣ ପାଇଁ ପୂର୍ବ ପଟ ବଡ ପୋଖରୀର ପୁନରୁଦ୍ଧାର ସହିତ ୨୦୦ ତାଳ ଗଛ ଓ ୨୦୦ ବର ଗଛ ଲଗାଯିବ। ଆଲୋକିକରଣ ସହିତ ପ୍ରମନେଡ ତିଆରି କରାଯିବ। ସାଧୁ ଓ ଭକ୍ତ ମାନଙ୍କ ପାଇଁ ୨୦୦ ପାଇଖାନା ନିର୍ମାଣ କରାଯିବ। ପୁରା ପ୍ରକଳ୍ପରେ ସାଧୁ ସନ୍ଥ, ଭକ୍ତ, ଓ ଅତିଥି ମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିବ। ସୌନ୍ଦର୍ଯ୍ୟ କରଣ ସହିତ ଏହା ଜିଲ୍ଲାର ଏକ ପ୍ରମୁଖ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ର ହେବା ପାଇଁ ସବୁ ପଦକ୍ଷେପ ନିଆଯିବ।

### ଜଳ ପରିଚାଳନାରେ ସଫଳତା

# ଦେଶରେ ଶ୍ରେଷ୍ଠ ଜିଲ୍ଲାର ମାନ୍ୟତା ଲାଭକଲା ଗଞ୍ଜାମ

**ଭୁବନେଶ୍ୱର :** ଜଳ ପରିଚାଳନାରେ ସଫଳତା। ସର୍ବଭାରତୀୟ କ୍ଷେତ୍ରରେ ଝଟକିଲା ପୁଣି ଓଡ଼ିଶା। ଓଡ଼ିଶା ହାସଲ କରିଛି ଦ୍ୱିତୀୟ ସ୍ଥାନ। ଜଳଶକ୍ତି ମନ୍ତ୍ରାଳୟ ଅଧୀନସ୍ଥ କେନ୍ଦ୍ର ଜଳ ସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ଚତୁର୍ଥ ଜାତୀୟ ଜଳ ପୁରସ୍କାର କ୍ଷେତ୍ରରେ ପ୍ରଥମ ସ୍ଥାନରେ ମଧ୍ୟପ୍ରଦେଶ ରହିଥିବାବେଳେ ତୃତୀୟ ସ୍ଥାନରେ ଯୁଗ୍ମ ଭାବେ ରହିଛନ୍ତି ଆନ୍ଧ୍ରପ୍ରଦେଶ ଓ ବିହାର। ସେହିପରି ଦେଶରେ ସର୍ବଶ୍ରେଷ୍ଠ ଜିଲ୍ଲାର ମାନ୍ୟତା ଲାଭ କରିଛି ଗଞ୍ଜାମ। ଦ୍ୱିତୀୟ ସ୍ଥାନରେ ତାମିଲନାଡୁର ନମକ୍କାଲ ଓ ତୃତୀୟ ସ୍ଥାନରେ ତେଲଙ୍ଗାନାର ଆଦିଲାବାଦ ରହିଛି। ଆସନ୍ତା ୧୭ ତାରିଖରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପ୍ଲେନାରୀ ହଲରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରିବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ। କେନ୍ଦ୍ର ପକ୍ଷରୁ ଜାରି ରହିଥିବା ଜଳ ସମୃଦ୍ଧି ଭାରତ ଆହ୍ୱାନ ପରିପ୍ରେକ୍ଷୀରେ ଉତ୍ତମ କାର୍ଯ୍ୟାନ୍ୱୟନ ଓ ପ୍ରଚେଷ୍ଟାକୁ ଦୃଷ୍ଟିରେ ରଖି ଏହି ପୁରସ୍କାର ଘୋଷଣା କରାଯାଇଛି। ଜଳ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଜଳ ସମ୍ପଦର ସୁରକ୍ଷା ଆଦି ପ୍ରସଙ୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ଖୁବ୍‌ଶୀଘ୍ର ଶେଷହେବ ୫୫ଟି ବସ୍‌ଷ୍ଟାଣ୍ଡ ନିର୍ମାଣ

**ଭୁବନେଶ୍ୱର :** ସାଧାରଣ ପରିବହନ କ୍ଷେତ୍ରରେ ରୂପାନ୍ତରଣ ଆଣିବା ଲକ୍ଷ୍ୟରେ ନିର୍ମାଣ ହେଉଥିବା 'ଆମ ବସ୍ ଷ୍ଟାଣ୍ଡ' ନିର୍ମାଣ କରାଯାଉଛି। ଚଳିତ ମାସ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୫୫ଟି ବସ୍ ଷ୍ଟାଣ୍ଡର ନିର୍ମାଣ ଶେଷ ହେଉଥିବା ବେଳେ ଆଉ ୭୧ଟି ନୂଆ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ଷକ ମଧ୍ୟରେ ସବୁ ବସ୍ ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରହିଛି। ବିଭାଗ ପକ୍ଷରୁ ନିଗମ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି କୁହାଯାଇଛି ଯେ ଆମ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା ବ୍ୟୟ କରାଯିବ। ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ସହରକୁ ବସ୍ ଚଳାଚଳ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଏହା ପୂର୍ବରୁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ବସ୍ ଷ୍ଟାଣ୍ଡ ନିର୍ମାଣ ଦାୟିତ୍ୱ ନିଗମ ଉପରେ ନ୍ୟସ୍ତ କରାଯାଇଛି। ଏବେ ୫୫ଟି ବସ୍ ଷ୍ଟାଣ୍ଡ ନିର୍ମାଣ ଏବଂ ପୁନଃନିର୍ମାଣ କରାଯାଇ ଥିବା ବେଳେ ଆଉ ୭୧ଟି ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ କରାଯାଇଛି। ଏଥିପାଇଁ ସରକାର ପର୍ଯ୍ୟାୟକ୍ରମେ ପାଣ୍ଠି ଯୋଗାଇ ଦେଉଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। କିଛି କ୍ଷେତ୍ରରେ ଜମି ଅଧିଗ୍ରହଣ ସମସ୍ୟା ଥିବାରୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସମସ୍ୟାର ସମାଧାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ/ଅଧିଗ୍ରହଣ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଆସନ୍ତା ମସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମ୍ଭାବନା ଅଛି। ପରିବହନ ବିଭାଗର କର୍ତ୍ତୃପକ୍ଷ କହିଛନ୍ତି ଯେ କେବଳ ନୂଆ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ନୁହେଁ ନିର୍ମାଣରେ ଉଚ୍ଚ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରାଯାଇଛି। ବସ୍ ଷ୍ଟାଣ୍ଡ ନିର୍ମାଣ କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ଏଥିପାଇଁ ଜଳ ସମ୍ପଦ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣ ବିଶେଷଜ୍ଞଙ୍କ ସହାୟତା ନେବ। ନିକଟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଛି। ଗ୍ରାମରୁ ସହର ପର୍ଯ୍ୟନ୍ତ ଗମନା ଗମନ ବ୍ୟବସ୍ଥାକୁ ଦକ୍ଷ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ଲକ ସ୍ତରରେ 'ଆମ ବସ୍ ଷ୍ଟାଣ୍ଡ' ଯୋଜନା ହାତକୁ ନେଇଛନ୍ତି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଅଧୀନରେ ନିର୍ମାଣ ହେଉଥିବା ଆମ ବସ୍‌ଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ପାଇଁ ସର୍ବୋତ୍ତମ ସୁବିଧା ଉପଲବ୍ଧ କରାଯିବ। ଆମ ବସ୍‌ଷ୍ଟାଣ୍ଡର ପରିଚାଳନା ପାଇଁ ଜିଲ୍ଲାପାଳମାନଙ୍କୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ନିର୍ମାଣ କାର୍ଯ୍ୟରେ ଯେପରି ଗୁଣବତ୍ତା ପ୍ରତି ସାଲିସ କରା ନ ଯାଏ ସେଥିପ୍ରତି ଯତ୍ନବାନ୍ ରହିବା ପାଇଁ ମୁଖ୍ୟ ସଚିବ ଓଏସ୍‌ଆରଟିସି ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା, ସବ୍ ଡିଭିଜନ୍ ଏବଂ ବ୍ଲକ ସ୍ତରୀୟ ନୋଡାଲ କମିଟି ଗଠନ କରାଯାଇଛି। ଜିଲ୍ଲାରେ ନିର୍ମିତ ଆମ ବସ୍ ଷ୍ଟାଣ୍ଡର ସମ୍ପୂର୍ଣ୍ଣ ଭାର ଜିଲ୍ଲା କମିଟି ଉପରେ ନ୍ୟସ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ ଗ୍ରାମ ଓ ସହରକୁ ବସ୍ ସେବା ଜରିଆରେ ଯୋଡ଼ିବା ପାଇଁ ରାଜ୍ୟ ସରକାର ଲୋକେସନ୍ ଆକ୍ସେସିବଲ ମଲ୍ଟିମୋଡାଲ ଇନିସିଏଟିଭ୍ (ଲକ୍ଷ୍ମୀ) ଯୋଜନା ହାତକୁ ନେଇଛନ୍ତି। ଏହି କ୍ରମରେ ବ୍ଲକ ସ୍ତରରେ ଆମ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯାଉଛି। ବସ୍ ସେବା ଆରମ୍ଭ ପୂର୍ବରୁ ସେଥିପାଇଁ ଅତ୍ୟାବଶ୍ୟକ ଥିବା ବସ୍ ଷ୍ଟାଣ୍ଡ ଭିତ୍ତିଭୂମି ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି।

### ଶିଖରଚଣ୍ଡୀ ପାହାଡ଼ରେ ଗଛକଟା ପ୍ରସଙ୍ଗ

# ପରବର୍ତ୍ତୀ ଶୁଣାଣି ନହେବା ଯାଏଁ କାମ ବନ୍ଦ ନିର୍ଦ୍ଦେଶ



**ଭୁବନେଶ୍ୱର :** ଭୁବନେଶ୍ୱର ନିକଟ ଶିଖରଚଣ୍ଡି ପାହାଡ଼ରେ ଗଛକଟା ପ୍ରସଙ୍ଗରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଛାଟ। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନକରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ସିସିଏଫଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ସପ୍ତାହ ମଧ୍ୟରେ ଘଟଣାସ୍ଥଳ ପରିଦର୍ଶନ କରି ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରିବାକୁ ଏବଂ ୩ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲଙ୍କ ନିକଟରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ ପାଇଁ କହିଛନ୍ତି। ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ଏନ୍ଜିଟି। ସୂଚନା ଥାଉକି, ଶିଖରଚଣ୍ଡୀ ପାହାଡ଼ରେ ବୁଲଡୋଜର ସହାୟତାରେ ପଥର ଫଟାଇ ପାହାଡ଼ ସଫା କରାଯାଉଥିଲା। ଭୁବନେଶ୍ୱରକୁ ପାଣି ଯୋଗାଣ ପାଇଁ ଏକ ବିଶାଳ ପାଣି ଟାଙ୍କି ନିର୍ମାଣ କରାଯାଉଥିବା କୁହାଯାଉଛି। ଏହି ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ତ ହୋଇଥିଲେ। ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ ଥିବା ଏହି ପାହାଡ଼ ଜୈବ ବିବିଧତାରେ ପରିପୂର୍ଣ୍ଣ। ବାଣୀବିହାର ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ, କେବଳ ଶିଖରଚଣ୍ଡୀ ପାହାଡରେ ୨ ଶହ ୨୦ ପ୍ରକାରର ଔଷଧୀୟ ବୃକ୍ଷ ସହ ଅନେକ ଜୀବଜନ୍ତୁ ଥିବା ଦର୍ଶାଯାଇଥିଲା। ପାହାଡ଼ ନଷ୍ଟ ସହ ଏସବୁ ଅବକ୍ଷୟ ହେଉଥିବା ଅଭିଯୋଗ ଆଣି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ ଲୋକେ।

# ବର୍ଷା ପୂର୍ବରୁ ରାଜଧାନୀର ସବୁ ଡ୍ରେନ୍ ସଫା ହେବ



**ଭୁବନେଶ୍ୱର :** ମୌସୁମୀ ପୂର୍ବରୁ ରାଜଧାନୀର ସବୁ ଡ୍ରେନ୍ ସଫା ହେବ। ସପ୍ତାହକରେ ଡ୍ରେନ୍ ସଫା ପାଇଁ ନିର୍ଦ୍ଦେଶ ଦେଲେ ବିଏମସି ମେୟର ସୁଲୋଚନା ଦାସ। ମୁକୁଳା ଡ୍ରେନ୍ ପାଖରେ ନିର୍ମାଣ ହେବ ବ୍ୟାରିକେଡ୍। ବିଏମସି କାର୍ଯ୍ୟାଳୟରେ ପ୍ରାକ୍ ମୌସୁମୀ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କେତେକ ୱାର୍ଡରେ ଶତ ପ୍ରତିଶତ ଡ୍ରେନ୍ ସଫା ହୋଇସାରିଥିବା ବେଳେ କେତେକ ୱାର୍ଡରେ ୯୦ ଓ ଆଉ କେତେକ ୱାର୍ଡରେ ୬୦ରୁ ୮୦ ପ୍ରତିଶତ ଡ୍ରେନ୍ ସଫା ହୋଇସାରିଛି। ବାକି ଥିବା ଡ୍ରେନଗୁଡିକୁ ମୌସୁମୀ ବର୍ଷା ଆସିବା ପୂବରୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଜେନ୍ସି ଗୁଡିକ ମଧ୍ୟ ଆସନ୍ତା ୭ ଦିନ ମଧ୍ୟରେ ଅଧିକ ଲୋକ ଲଗାଇ ଡ୍ରେନଗୁଡିକୁ ସଫା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟରେ କର୍ପୋରେଟରମାନେ ସହଯୋଗ କରିବାକୁ ମେୟର ଅନୁରୋଧ କରିଛନ୍ତି। କେବଳ ସେତିକି ନୁହେଁ, କେତେକ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବ୍ୟାରିକେଡ ହୋଇନାହିଁ। ବ୍ୟାରିକେଡ ହୋଇନଥିବା ଡ୍ରେନ୍ ପାଖରେ ଶୀଘ୍ର ନିର୍ମାଣ ପାଇଁ କୁହାଯାଇଛି। କେଉଁ ୱାର୍ଡରେ କେତେ କିଲୋମିଟର ଡ୍ରେନ୍ ଓ ରାସ୍ତା ରହିଛି, ତାହାକୁ ମାପିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ପ୍ରତ୍ୟେକ ୱାର୍ଡର କର୍ପୋରେଟର, ସଂପୃକ୍ତ ଏଜେନ୍ସି ଏବଂ ସାନିଟାରୀ ଇନ୍ସପେକ୍ଟର ମିଳିତ ଭାବେ ଏହି ମାପ କରିବେ। ଦୁଇ ଦିନ ମଧ୍ୟରେ ରାସ୍ତା ଓ ଡ୍ରେନ୍ ମାପ ଶେଷ କରିବାକୁ ନିଷ୍ପତି ହୋଇଛି। ବୈଠକ ଆରମ୍ଭ ପୂର୍ବରୁ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଗଠନ ହେଲା କଲ୍ୟାଣ ବୋର୍ଡ

# ଡ୍ରାଇଭର ଓ କର୍ମଚାରୀଙ୍କୁ ମିଳିବ ୪ଲକ୍ଷ ଟଙ୍କାର ସହାୟତା

**ଭୁବନେଶ୍ୱର :** ଡ୍ରାଇଭରମାନଙ୍କ ବାରମ୍ବାର ଆନ୍ଦୋଳନ ପରେ ଶେଷରେ ରାଜ୍ୟ ସରକାର ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ଯୋଜନାକୁ ଅନୁମୋଦନ କରିଛନ୍ତି। ମୋଟର ପରିବହନ ଡ୍ରାଇଭର ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି 'କଲ୍ୟାଣ ବୋର୍ଡ ଗଠନ' କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଛନ୍ତି। ଏହି କଲ୍ୟାଣ ବୋର୍ଡକୁ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ପ୍ରାରମ୍ଭିକ ଭାବେ ପରିବହନ କର୍ମଚାରୀ ଯଥା ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ସୁବିଧା ଘୋଷଣା କରାଯାଇଛି। ଡ୍ରାଇଭର କିମ୍ବା କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କର ନିକଟ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ସ୍ଥାୟୀ ଅକ୍ଷମ ହେଲେ ୧.୫୦ଲକ୍ଷ ଟଙ୍କା ଓ ଅତି ଗଭୀର ଆଘାତ ହେଲେ ୮୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ସେହିପରି ସାଧାରଣ ଭାବେ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ। ଏହାବ୍ୟତୀତ ମୋଟର ପରିବହନ ଡ୍ରାଇଭର ଓ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା ଆଦିରେ ସେମାନଙ୍କର ଯୋଗ୍ୟତା ଆଧାରରେ ସାମିଲ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କଲ୍ୟାଣ ବୋର୍ଡକୁ ରାଜ୍ୟ ସରକାର ଆବଶ୍ୟକ ଅନୁଦାନ ଯୋଗାଇ ଦେବେ। ପରବର୍ତ୍ତୀ ସମୟରେ ପଞ୍ଜିକରଣ ଶୁଳ୍କ ସଂଗ୍ରହ, ମୋଟରଯାନ ମାଲିକଙ୍କ ଅଂଶଦାନ ଓ ଅନ୍ୟାନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ କରି ଏହି କଲ୍ୟାଣ ବୋର୍ଡକୁ ପରିଚାଳନା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କଲ୍ୟାଣ ବୋର୍ଡରେ ମୋଟର ପରିବହନର ଡ୍ରାଇଭର/କର୍ମଚାରୀଙ୍କ ପ୍ରତିନିଧିଙ୍କ ସମେତ ସରକାରୀ ଅଧିକାରୀ ମଧ୍ୟ ସଦସ୍ୟ ଭାବେ କାର୍ଯ୍ୟ କରିବେ। ବୋର୍ଡର କ୍ଷମତା ଓ କାର୍ଯ୍ୟଗୁଡ଼ିକ ନେଇ ଆବଶ୍ୟକ ଗାଇଡଲାଇନ୍ ଜାରି ହୋଇଛି। ଏହି କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାୟ ୫ଲକ୍ଷରୁ ଅଧିକ ମୋଟର ପରିବହନ ଡ୍ରାଇଭର ଓ କର୍ମଚାରୀ ଉପକୃତ ହେବେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରେ ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ ୧୦ଦଫା ଦାବିକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରାଯାଇଥିଲା। ତେବେ ସରକାରଙ୍କ ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିବା ପରେ ସେମାନେ ନିଜର ଆନ୍ଦୋଳନରୁ ଓହରି ଥିଲେ।

# ଓଡ଼ିଶା ମିଲେଟ୍ ମିଶନର ପୋଷଣୀୟ ଭବିଷ୍ୟତର ରୂପରେଖ ନେଇ କର୍ମଶାଳା



**ଭୁବନେଶ୍ୱର :** ଓଡ଼ିଶା ମିଲେଟ୍ ମିଶନର ଉଦ୍ଦେଶ୍ୟ କେବଳ ମାଣ୍ଡିଆର ଉପକାରିତା ଓ ଲାଭ ନିମନ୍ତେ ଏହାକୁ ପ୍ରୋତ୍ସାହିତ କରିବା ନୁହେଁ। ବୃଷ୍ଟିପୁଷ୍ଟ ଉଚ୍ଚ ଜମିର ଚାଷୀମାନଙ୍କୁ ସମାନ ସୁଯୋଗ ଓ ନ୍ୟାୟ ପ୍ରଦାନ ନୀତିରେ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। କୃଷି ଭବନଠାରେ ଓଡ଼ିଶା ମିଲେଟ୍ ମିଶନ, ୟର୍କ ବିଶ୍ୱବିଦ୍ୟାଳୟ ଏବଂ ସେଣ୍ଟର ଫର ସଷ୍ଟେନେବୁଲ୍ ଏଗ୍ରିକଲଚରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ମିଲେଟ୍ ମିଶନର ପୋଷଣୀୟ ଭବିଷ୍ୟତର ରୂପରେଖ ପ୍ରଦାନ ସଂପର୍କିତ ଏକ କର୍ମଶାଳାରେ ଉଦ୍‌ବୋଧନ ଦେଇ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ମିଲେଟ୍‌କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ବ୍ୟବସ୍ଥାର ରୂପାନ୍ତରଣ ଦିଗରେ ଓଡ଼ିଶା ମିଲେଟ୍ ମିଶନର ନେତୃତ୍ୱ ପ୍ରଦାନ ଓ ଚାଷୀମାନଙ୍କୁ ଭିତ୍ତିଭୂମିର ସହାୟତା ଯୋଗାଇଦେବା ସଂପର୍କରେ ଡ. ପାଢ଼ୀ ଆଲୋଚନା କରିଥିଲେ। ୟର୍କ ବିଶ୍ୱବିଦ୍ୟାଳୟର ପ୍ରଫେସର ସୋନାଲ ଚୌଧୁରୀ ଓ ସିଏସ୍‌ଏର ଡ. ରମଣ ଜାନେୟୁଲୁ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିବା ସହିତ କର୍ମଶାଳାରେ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଉପସ୍ଥାପନ କରିଥିବାବେଳେ ଅଂଶୀଦାରଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ତର୍ଜମା କରାଯାଇ ମିଶନକୁ ଅଧିକ ଫଳପ୍ରଦ କରାଯିବ ବୋଲି ଡ. ପାଢ଼ୀ କହିଥିଲେ। କର୍ମଶାଳାରେ ଓଡ଼ିଶା ମିଲେଟ୍ ମିଶନ ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକ ସଂପର୍କରେ ସମୀକ୍ଷା କରାଯାଇ ଏହାର ପୋଷଣୀୟ ପ୍ରଦର୍ଶନ ନିମନ୍ତେ ଉପଲବ୍ଧ ତଥ୍ୟର ବିଶ୍ଳେଷଣ, ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଯୋଗାଣ ଶୃଙ୍ଖଳ, ଉତ୍ତମ ପ୍ରଥାର ସମୀକ୍ଷା ଏବଂ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭ କରି ବ୍ୟବସାୟିକ ମଡେଲ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ ମିଲେଟ୍‌ର ମୂଲ୍ୟଶୃଙ୍ଖଳର ବିଭିନ୍ନ ଦିଗ ଉପରେ କୌଣସି ଜନସଚେତନତା ନଥିଲା ଏବଂ ମାଣ୍ଡିଆର ଦର ମଧ୍ୟ କମ୍ ଥିଲା। ଏହା ଦ୍ୱାରା ଚାଷୀମାନଙ୍କ ମଧ୍ୟରେ ମିଲେଟ୍ ଚାଷ ନିମନ୍ତେ ଅନାଗ୍ରହ ପରିଲକ୍ଷିତ ହେଉଥିଲା। ମିଶନ କାର୍ଯ୍ୟକାରୀ ହେବା ପରେ ମିଲେଟ୍ର ସଂପର୍କରେ ବ୍ୟାପକ ଜନସଚେତନତା ବୃଦ୍ଧି ପାଇଛି ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଲେଟ୍ ସଂଗ୍ରହ ଫଳରେ ଚାଷୀମାନେ ଉଚିତ ମୂଲ୍ୟ ପାଇପାରୁଛନ୍ତି ଏବଂ ଲୋକଙ୍କର ଖାଦ୍ୟାଭ୍ୟାସର ମଧ୍ୟ ପରିବର୍ତ୍ତନ ଆସିଛି ବୋଲି କର୍ମଶାଳରେ ଯୋଗଦେଇଥିବା କୃଷକ ଉତ୍ପାଦକ ସଂଗଠନ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଅଂଶୀଦାରମାନେ ମତ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ରବି ଋତୁରେ ମାଣ୍ଡିଆ ସଂଗ୍ରହ ନିମନ୍ତେ ଚାଷୀମାନେ ପ୍ରସ୍ତାବ ଦେଇଥିଲେ। ଭିତ୍ତିଭୂମିର ବିକାଶ ବ୍ୟତୀତ ମାଣ୍ଡିଆର ପ୍ରକ୍ରିୟାକରଣ ଦ୍ୱାରା ଏହାକୁ ଅଧିକ ମୂଲ୍ୟଯୁକ୍ତ କରିବା ଓ ହିସାବ ରକ୍ଷଣ ଦିଗରେ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନେ ମତ ଦେଇଥିଲେ। ଏହି କ୍ରମରେ ଗୋଷ୍ଠୀର ସଦସ୍ୟାମାନଙ୍କୁ ମାଣ୍ଡିଆ ସଂପର୍କରେ ଜ୍ଞାନ ଆହରଣ ନିମନ୍ତେ ବିଭିନ୍ନ ସ୍ଥାନକୁ ପରିଦର୍ଶନରେ ନେବା ଏବଂ ମଦର କିଚେନ୍ ସୁବିଧା ଯୋଗାଇଦେବା ପାଇଁ କହିଥିଲେ। ସ୍କୁଲ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ହସ୍ପିଟାଲ୍, ସେନା କ୍ୟାଣ୍ଟିନ୍, ରେଳବାଇ, ବିମାନବନ୍ଦର ଆଦି ସ୍ଥାନଗୁଡ଼ିକରେ ମିଲେଟ୍‌ସକୁ ଅନ୍ତର୍ଭୁକ୍ତ କରାଯାଇପାରିଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଅଧିକ ବଜାର ସୃଷ୍ଟି ହୋଇପାରିବ ବୋଲି ପ୍ରତିନିଧିମାନେ କହିଥିଲେ। ସାଂପ୍ରତିକ ସମୟରେ ମାଣ୍ଡିଆ କ୍ଷେତ୍ରରେ ହେଉଥିବା ବିଭିନ୍ନ ଗବେଷଣା ଓ ଉନ୍ନତି ସଂପର୍କରେ କର୍ମଶାଳାରେ ଯୋଗଦେଇଥିବା ବୈଷୟିକ ବିଶେଷଜ୍ଞମାନେ ଆଲୋଚନା କରିବା ସହିତ ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା କିଭଳି ନୂତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେ ସଂପର୍କରେ ମତ ଦେଇଥିଲେ। ଏଥି ସହିତ ବେସରକାରୀ ରେଷ୍ଟୁରାଣ୍ଟ, କମ୍ପାନୀ ଓ କାଫେ, ଉଦ୍ୟୋଗ ଏବଂ ଉତ୍ପାଦ ନିମନ୍ତେ ଏକକ ମାନକ ସ୍ଥିର କରିବା, ଗ୍ରାମାଞ୍ଚଳରେ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଇନ୍‌କ୍ୟୁବେସନ୍ କେନ୍ଦ୍ର ସ୍ଥାପନ, ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ଓ ପ୍ୟାକେଜିଂ ଦିଗରେ ଚାଷୀ ଓ କୃଷକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ପ୍ରଦାନ, ପେଶାଦାର ଢଙ୍ଗରେ ବଜାର ପରିଚାଳନା, କୃଷକ ଉତ୍ପାଦକ ଗୋଷ୍ଠୀଙ୍କ ଦକ୍ଷତା ବିକାଶ ନିମନ୍ତେ ତାଲିମ ପ୍ରଦାନ, ମାଣ୍ଡିଆର ରପ୍ତାନୀର ଦୃଷ୍ଟିକୋଣରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବଜାର ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିବା ଏବଂ ମାଣ୍ଡିଆ ଚାଷର ସ୍ୱଦେଶୀ ଜ୍ଞାନକୌଶଳର ଡକୁମେଣ୍ଟେସନ୍ ଆଦିକୁ ମିଶନ ମୋଡରେ କରିବା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାକୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଉଦ୍ଘାଟନ କରିଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ଶୈଳେନ୍ଦ୍ର ମହାନ୍ତି ଓଡ଼ିଶା ମିଲେଟ ମିଶନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ମିଶନ ଶକ୍ତି, ଯୋଜନା ଓ ସଂଯୋଜନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଏମସ୍, ଓୟୁଏଟି, ଆଇସିଏଆର-ଏନ୍‌ଆରଆରଆଇ, ଆଇସିଏଆର-ଆଇଆଇଏମ୍‌ଆର, ଆଇସିଏଆରସିଆଇଡବ୍ଲ୍ୟୁଏ, ଓଡ଼ିଶା ଷ୍ଟେଟ୍ ବାୟୋଡାଇଭରସିଟି ବୋର୍ଡ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜ୍ମେଣ୍ଟ, ଆଇଟିସିର ଏକ୍‌ଜିକ୍ୟୁଟିଭ୍ ସେଫ୍, ଚିଫ୍ ମାଇକେଲ୍, ବିଓସିସିଏ କାଫେ, ମିଲେଟ୍ ଫ୍ରେସ୍ ଏବଂ ଅନ୍ୟାନ୍ୟ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଜୁନ୍, ୨୦୨୩

# କେବଳ ଆତ୍ମସମର୍ପଣ ବାକି

ଭାରତ ନିକଟରୁ ହାରିସାରିଛି ପାକିସ୍ତାନ। ନାମକୁ ମାତ୍ର ଘୋଷଣା ବାକି। କାରଣ ଏହାର ନକ୍ସା ୨୦୨୦ ମସିହାରୁ ପ୍ରସ୍ତୁତ ହୋଇସାରିଛି। ଯେଉଁ ସମୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଥିଲେ ଓ ସେଠାରେ ଆର୍ମି ମୁଖ୍ୟ ଥିଲେ ଜେନେରାଲ କମରୁଦ୍ଦିନ ବାଜ୍ୱା। ସେହି ସମୟରେ ଏଭଳି ପ୍ରସ୍ତାବ ସ୍ଥିର ହୋଇଥିବାର ଖବର ଭାଇରାଲ ହେବାରେ ଲାଗିଛି। ସୂତ୍ର ଅନୁସାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ଅପ୍ରେଲ ମାସରେ ପାକିସ୍ତାନ ଯିବାର ଥିଲା। ସେଠାରେ ମୋଦି ହିଙ୍ଗୁଳାଇ ମନ୍ଦିର ଦର୍ଶନ କରିବା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପୁଣି ଥରେ ଚାଲୁ କରିବା ପାଇଁ ଘୋଷଣା ହେବାର ଥିଲା। ଏ ନେଇ ପାକିସ୍ତାନ ଆର୍ମି ମୁଖ୍ୟ ଓ ତାଙ୍କ ପ୍ରଧାନମନ୍ତ୍ରୀ ଭାରତର ଅଜିତ ଦୋଭାଲଙ୍କ ସହିତ ବାରମ୍ବାର ଆଲୋଚନା କରିଥିବା ଜଣାପଡିଛି। ଏମିତିକି ପାକିସ୍ତାନ ସେନା କାଶ୍ମୀରରେ ଭାରତ ନିକଟରେ ଆତ୍ମସମର୍ପଣ କରିଥାନ୍ତେ। ଏହା କୌଣସି ଉଡ଼ା କଥା ନୁହେଁ। କାରଣ ଇମ୍ରାନଙ୍କ ସମୟରୁ ହିଁ ପାକିସ୍ତାନର ସ୍ଥିତି ଦୁର୍ବଳ ହୋଇସାରିଛି। ବର୍ତ୍ତମାନ ପାକିସ୍ତାନ ଲୋକଙ୍କୁ ତାଙ୍କ ସରକାର ଦୁଇଓଳି ରୋଟି ଯୋଗାଇବାକୁ ସମର୍ଥ ନୁହଁ। ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିବା ପାକିସ୍ତାନରେ ବିଦେଶକୁ ରପ୍ତାନି ବନ୍ଦ ହୋଇସାରିଛି। କିଛି ଆମଦାନୀ କରିବାକୁ ପାକିସ୍ତାନ ନିକଟରେ ଡଲାର ନାହିଁ। ଆଇ ଏମ ଏଫ ସର୍ତ୍ତ ପୂରଣ କରିପାରୁନଥିବାରୁ ପାକିସ୍ତାନକୁ ଋଣ ମିଳୁନି। ଯାହାଫଳରେ ଦିନକୁ ଦିନ ପାକିସ୍ତାନ କାଙ୍ଗାଳ ହେବାରେ ଲାଗିଛି। ପୂର୍ବଭଳି ମୁସଲିମ ରାଷ୍ଟ୍ର ଆଉ ପାକିସ୍ତାନକୁ ସହାୟତା ଦେଉନାହାନ୍ତି। ଯୁଦ୍ଧ କରିବାକୁ ପାକିସ୍ତାନ ସେନା ନିକଟରେ ତୋପ ପାଇଁ ଗୁଳି ନାହିଁ କି ଯୁଦ୍ଧ ଗାଡି ପାଇଁ ଡିଜେଲ ପେଟ୍ରୋଲ ନାହିଁ। ମାତ୍ର ଦଶ ଦିନ ଯୁଦ୍ଧ ପାଇଁ ଯେତିକି ମିଲିଅନ ଡଲାର ଆବଶ୍ୟକ ତାହା ମଧ୍ୟ ପାକିସ୍ତାନ ନିକଟରେ ନାହିଁ। ଦୁଇବର୍ଷ ତଳେ ଏଭଳି କିଛି କହିଥିଲେ ବାଜୱା। ଯାହାପୁଣି ପାକିସ୍ତାନର ୨୫ ଜଣ ବରିଷ୍ଠ ସାମ୍ବାଦିକଙ୍କ ସାମ୍ନାରେ କୁହାଯାଇଥିଲା। ଅବସର ପରେ ପାକ ଆର୍ମି ଚିଫ ବାଜୱା ଏବେ ବିଦେଶରେ ରହୁଛନ୍ତି। ହେଲେ ସେ କରିଥିବା ଆକଳନ ଏବେ ସତ ହେବାକୁ ଯାଉଛି। ପାକିସ୍ତାନ ଭଲ ଭାବେ ଜାଣିସାରିଛି ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବିଶ୍ୱ ନେତା। ତାଙ୍କ ଦୂରଦୃଷ୍ଟି ଓ ନେତୃତ୍ୱ ଆଗରେ ବିଶ୍ୱର ବଡ଼ ବଡ଼ ରାଷ୍ଟ୍ର ନିଷ୍ପ୍ରଭ ଦିଶୁଛନ୍ତି। ତେଣୁ ଏଭଳି ସ୍ଥିତିରେ ପାକିସ୍ତାନ ଯେ ଭାରତ ସହ ଯୁଦ୍ଧ ଲଢ଼ିବ ବା ଭାରତ ବିରୋଧରେ କିଛି କଡା ପଦକ୍ଷେପ ନେଇପାରିବ ତାହା ଅସମ୍ଭବ। ମୋଦି କହିଥିଲେ ପାକିସ୍ତାନକୁ ଦୁଆର ଦୁଆର ବୁଲି ଭିକ ମାଗିବାକୁ ପଡିବ ତାହା ଅକ୍ଷରେ ଅକ୍ଷରେ ସତ ପ୍ରମାଣିତ ହେବାକୁ ଯାଉଛି। ସେହେବାଜ ସରକାର ପାକିସ୍ତାନର ଉନ୍ନତି ଦେଖିବେ କଣ ଦେଶ ବଞ୍ଚାଇବାର ରାସ୍ତା ପାଉନାହାନ୍ତି। ଦରଦାମ ଦୁଇଗୁଣ ବୃଦ୍ଧି ପାକିସ୍ତାନ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଦେଶର ସମ୍ପତ୍ତି ବିକି ଦେଶ ଚଳାଇବା ବ୍ୟତିରେକ ସେହେବାଜଙ୍କ ନିକଟରେ ଅନ୍ୟ କିଛି ବିକଳ୍ପ ନାହିଁ। ଗୋଟେ ପଟେ ନିଜେ ପାଳିଥିବା ଆତଙ୍କବାଦୀ ପାକିସ୍ତାନ ତଣ୍ଟିରେ କଣ୍ଟା ହୋଇ ଲାଗିଥିଲା ବେଳେ ଅନ୍ୟପଟେ ଆଫଗାନିସ୍ତାନ ପଟୁ ମଧ୍ୟ ପାକିସ୍ତାନ ପାଇଁ ନୂଆ ନୂଆ ବିପଦ ସୃଷ୍ଟି କରୁଛି। ଅଟା ନାହିଁ ତେଲ ନାହିଁର ଅସହାୟତା ଭିତରେ ସେହେବାଜ ସରକାର କେବଳ ମିଛ ଫୁଟାଣି ଦେଖାଇବା ବ୍ୟତୀତ ଆଉ କିଛି ନାହିଁ। ପାକିସ୍ତାନୀ ଶାସକଙ୍କ ଦୁର୍ନୀତି ଯୋଗୁ ଦେଶ ଆଜି ଦେବାଳିଆ। ପାକିସ୍ତାନ ଭଳି ଦେଶ ମାନେ ନିଶ୍ଚିତ ଏଭଳି ପରିସ୍ଥିତି ଭୋଗିବେ। କାରଣ ସେମାନେ ଦେଶର ବିକାଶ ପରିବର୍ତ୍ତେ କେବଳ ଆତଙ୍କବାଦୀ ତିଆରି ଉପରେ ଅଧିକ ଗୁରୁତ୍ୱ ଦେଲେ। ନିଜର ଲାଭ କ୍ଷତି ହିସାବ ବଦଳରେ କେବଳ ଭାରତ ବିରୋଧୀ ଆଭିମୁଖ୍ୟ ରଖି ରକ୍ତପାତ କରିଚାଲିଲେ। ତାହା ହିଁ ପାକିସ୍ତାନ ପାଇଁ ବିପର୍ଯ୍ୟୟ ଆଣିଦେଇଛି। ଆମେରିକା ଉପରେ ଆକ୍ରମଣ ହେଉ ଭାରତରେ ବାରମ୍ବାର ଆତଙ୍କୀ ହମଲା ପାଇଁ ବିଶ୍ୱ ଦରବାରରେ ପାକିସ୍ତାନ ନିନ୍ଦିତ ହୋଇଚାଲିଛି। ହେଲେ ଏତେସତ୍ତ୍ୱେ ପାକିସ୍ତାନ ନିଜର ଦୋମୁହାଁ ନୀତି ଛାଡିପାରିନି ବିଶ୍ୱାସଘାତକତାର ଚରମ ସୀମାରେ ଥାଇ ସବୁବେଳେ ଭାରତକୁ ବଦନାମ କରିବା ଯେମିତି ପାକିସ୍ତାନର ଧର୍ମ ପାଲଟିଯାଇଛି। ଚୀନ୍ ନିଜ ଦେଶରେ ଥିବା ମସ୍‌ଜିଦ ଭାଙ୍ଗି ଚାଲିଥିଲା ବେଳେ ୫୭ ମୁସଲିମ ଦେଶ ନିରବତା ଅବଲମ୍ବନ କଲେ। ହେଲେ ଭାରତରେ ସଂଖ୍ୟାଲଘୁଙ୍କ ସାମାନ୍ୟ ଘଟଣାରେ ପାକିସ୍ତାନ ତମ୍ବିତୋଫାନ କରିଦିଏ। ଛୋଟ କଥାକୁ ବଡ଼ କରି ବିଶ୍ୱକୁ ଜଣାଇଦିଏ। ଅଥଚ ଚୀନ୍ ବିରୋଧରେ ଧାଡ଼ିଏ ମୁହଁ ଖୋଲି କହିପାରେନି। ଏହାର କାରଣ ସବୁଠୁ ଋଣ ନେଇ ଋଣ ଯନ୍ତାରେ ଏବେ ଛଟପଟ ହେଉଛି ପାକିସ୍ତାନ। ପ୍ରକୃତି ମଧ୍ୟ ପାକିସ୍ତାନ ଉପରେ ଦାଉ ସାଧୁଛି। ଭୟଙ୍କର ବନ୍ୟାର କରାଳ ପରିସ୍ଥିତି ଭିତରେ କଲବଲ ପାକିସ୍ତାନ। ଅନେକ କୋଠା ଭୁଶୁଡିବା ସହିତ ଫସଲ ନଷ୍ଟ ପାକିସ୍ତାନ ପାଇଁ ନୂଆ ବିପଦ ଆଣି ଦେଇଛି। କେବଳ ପାକିସ୍ତାନ ନୁହେଁ ଚୀନ୍ ମଧ୍ୟ ଆଗାମୀ ଦିନରେ କ୍ଷୁଧାର ସାମ୍ନା କରିବାକୁ ଯାଉଛି। ସେଠାରେ ମଧ୍ୟ ପ୍ରକୃତି ଚୀନ୍ ଉପରେ ଦାଉ ସାଧୁଛି। ଆଗାମୀ ଦିନରେ ଖାଦ୍ୟ ଅଭାବରୁ ଚୀନ୍ ଭାରତ ଉପରେ ନିର୍ଭର କରିବ। ଭାରତର ଚାଉଳ ହିଁ ଚୀନ୍‌ବାସୀଙ୍କୁ ବଞ୍ଚାଇ ପାରିବ। ଏଭଳି ସ୍ଥିତିରେ ପାକିସ୍ତାନ ନିଜ ଲୋକଙ୍କୁ ମୁଠେ ଖାଇବାକୁ ଦେବ ନା’ କାଶ୍ମୀର ନେବ କାଶ୍ମୀର ନେବ କହି ପୁଣି ନିଜ ଦେଶକୁ ବରବାଦ କରିଚାଲିବ ତାହା ଦେଖିବାକୁ ବାକି ରହିଲା।

ସମ୍ପାଦକୀୟ

ତାରକ ମହାନ୍ତି



# ଜୀବନଗୀତର ସ୍ଥାୟୀ ଅନ୍ତରା



ଡକ୍ଟର କିଶୋର ମହାନ୍ତି

ଜୀବନ ଏକ କଠୋର ସାଧନାର ପଥ। ଆଉ ଯିଏ ସେଇ କଠୋର ସାଧନାରେ ବ୍ରତୀ, ସେ ଜୀବନରେ ପରମ ଶାନ୍ତି ଓ ତୃପ୍ତି ପାଇପାରିଛି। ଏହି ସାଧନାରେ ସିଦ୍ଧି ପ୍ରାପ୍ତି ହୁଅନ୍ତି ସ୍ୱଳ୍ପ ବ୍ୟକ୍ତିବିଶେଷ। ପ୍ରକୃତରେ ସେମାନେ ସେମାନଙ୍କର ପ୍ରତିଭା ବଳରେ ଦେଶ ଓ ଦଶର ନାଁ ରଖିଯାଇଥାନ୍ତି। ଯୁଗଯୁଗ ଧରି ସେମାନେ ଆମର ସ୍ମୃତି ପଟଳରେ ରହିଥାନ୍ତି। ଏହା ସତ୍ୟ ଯେ ସାଧନାର ପଥ ବେଶ୍ କଙ୍କରିଳ। ଆଉ ଏଇ କୃଚ୍ଛ୍ର ସାଧନାରେ ସିଦ୍ଧି ପ୍ରାପ୍ତି ବି ଏତେ ସହଜ ନୁହେଁ। ଏଥିପାଇଁ ପ୍ରତି ଛତ୍ରେଛତ୍ରେ ସଂଗ୍ରାମ ଲୋଡ଼ା। ଜୀବନ ପୁନରାୟ ସଂଘାତ ଓ ସଂଘର୍ଷର କ୍ଷେତ୍ର ଏବଂ ଯେଉଁମାନେ ଯୋଦ୍ଧୃସେନାନୀ ଭାବରେ ତାକୁ ମୁକାବିଲା କରିପାରିଛନ୍ତି, ସେମାନେ ଜୀବନରେ ଜୟୀ ହୋଇଛନ୍ତି। କିଛିକିଛି ଅକୃତକାର୍ଯ୍ୟତା ଅସଫଳତା ପାଇ ମଧ୍ୟ ହାରିଯାଇ ନାହାନ୍ତି। ବରଂ ପଛଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ– ପରି କାପୁରୁଷପଣିଆ ପ୍ରଦର୍ଶନ ନ କରି ଅହରହ ସଂଗ୍ରାମରେ ଲାଗି ପଡ଼ିଥାନ୍ତି। ଜୀବନର ନିର୍ଯ୍ୟାସ ଟିକିଏ ଯିଏ ପାଇଛି ସେ ନିଜକୁ ପ୍ରକୃତରେ ଧନ୍ୟ ମନେକରିଛି। ଏଇ ଜୀବନ କେତେବେଳେ ସାଥି ତଥା ସହୋଦର ଭାବରେ ଦୁଃଖ ଓ ସୁଖରେ ସାଥି ହୋଇଛି, ଅଳି ଅର୍ଦ୍ଦଳି ସହିଛି, ଦୁଃଖରେ ଛାତିକୁ ପଥର କରିଛି, କେତେବେଳେ ଆଖିରୁ ଲୋତକ ହେଇ ବହିଯାଇଛି, ଆଉ କେତେବେଳେ ପର ଦୁଃଖରେ ମ୍ରିୟମାଣ ହୋଇଛି। ଜୀବନ ତ ଏଇପରି ଗୋଟେ ପ୍ରବାହମାନ ସ୍ରୋତ, ଜୀବନ୍ତ ଧାରା।

ଆଜିର ଯୁଗରେ ଆଚରଣ ଓ ଉଚ୍ଚାରଣରେ ତଥା କାର୍ଯ୍ୟଶୈଳୀରେ ଭାରସାମ୍ୟ ରହୁନାହିଁ। ମଣିଷ ଜୀବନରେ ଶଠତା ବେଶୀ ଭାବରେ ଆଚରଣ କରୁଛି। ଜୀବନର ପୁଷ୍କଳ ମାର୍ଗକୁ ଜାଣିଜାଣି କଳୁଷିତ ଓ କଣ୍ଟକିତ କରିଦେଉଛି। ଜୀବନର କୃଚ୍ଛ୍ର ସାଧନା ଯେ କରିଛି ସେ ଯୋଗୀ, ମହାପୁରୁଷ, ମହାନ ବ୍ୟକ୍ତି ଆଜି ଆଉ କାହାନ୍ତି ? ସେମାନେ ସଂସାରରୁ ବିଦାୟ ନେଲେଣି।

ସ୍ୱାମୀ ବିବେକାନନ୍ଦ, ମନୀଷୀ ମହର୍ଷି ଶ୍ରୀଅରବିନ୍ଦଙ୍କ ପରି ମାନବ ପ୍ରେମରେ ଉଦ୍‌ବୁଦ୍ଧ ତଥା ଜୀବନକୁ ସଠିକ୍ ମାର୍ଗରେ ଉପଯୋଗ କରିବାରେ ଯେଉଁ ନୀତି ଓ ଆଦର୍ଶର ପଥ ଆପଣେଇ ନେଇ ମାର୍ଗ ପ୍ରଦର୍ଶନ କରିଯାଇଛନ୍ତି, ଅନ୍ୟମାନଙ୍କ ପାଇଁ ଯେଉଁ ନୀତି ଓ ଆଦର୍ଶର ପଥ ଦେଖାଇ ଦେଲେ, ତାହା ମଣିଷଜୀବନରେ ପାଇବା ଦୁଷ୍ପ୍ରାପ୍ୟ। ଏବେ ବି ବେଦର ବାଣୀ ଆହ୍ୱାନ କରୁଛି–

“ସର୍ବେଽତ୍ର ସୁଖିନଃସନ୍ତୁ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖ ମା’ ପୁୟାତ୍।

ବୁଦ୍ଧି ହେଉଛି ମଣିଷର ଲଗାମ। ମଣିଷ ବିଚାର କରି ତାକୁ ବ୍ୟବହାର କରେ। ଯେ ବିଚାର ପୂର୍ବକ ବ୍ୟବହାର ନ କରେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ। ଜୀବନ ହେଉଛି ଏକନିରବଧି ସ୍ରୋତସ୍ୱିନୀ ଧାରା– ଚିର ଚଞ୍ଚଳ ଓ ଗତିଶୀଳ।

ଯେପରି ନଦୀଟିଏ ବିକ୍ଷିପ୍ତ ହୋଇଗଲେ, ପ୍ରବାହ କମିଯାଏ ଓ ଅଧିକ ଗତିଶୀଳ ହୋଇପାରେନା, ଜୀବନ ସେମିତି ତା’ ପଥକୁ କେହି ଗତିରୋଧ କରିପାରିବେ ନାହିଁ। ତା’ର ଧାରା ଅପ୍ରତିହତ। ଥରେ ପ୍ରତିହତ ବା ବିକ୍ଷିପ୍ତ ହୋଇଗଲେ ଜୀବନ ଆଗକୁ ମାଡ଼ି ଚାଲିବ ନାହିଁ। ପ୍ରଗତି ସମ୍ଭବପର ନୁହେଁ।

ବାସ୍ତବିକ ଜୀବନ ଅନନ୍ୟ ଓ ଅମୂଲ୍ୟ। ଜୀବନକୁ ଭକ୍ତିମୟ କରିବା ଉଚିତ। ଯାହାଙ୍କ ପାଇଁ କର୍ମ କରୁଛେ, ତାଙ୍କୁ ଭଗବାନ ବୋଲି ମନେକର। ଏପରି କଲେ ଜଡ଼ ଓ କର୍ମରେ ବି ସରସତା ଉତ୍ପନ୍ନ ହୋଇଥାଏ। ସମାଜ ସେବାରେ ନିଜକୁ ନିୟୋଜିତ କଲେ ଭଗବାନ ସନ୍ତୁଷ୍ଟ ହେବେ ଏବଂ ସେଇ ଜନସେବା ହେବ ମାଧବ ସେବା।

ଆମର କର୍ମରେ ପ୍ରେମ ରହୁ। ଧର୍ମରେ ପ୍ରେମ ରହୁ। ସଂପର୍କରେ ପ୍ରେମ ରହୁ। ବନ୍ଧୁ ତଥା ପରିବାର ସହ ପ୍ରେମ ରହୁ। ପ୍ରେମର ଶୀକୁଳିରେ ଥରେ ବାନ୍ଧି ଦେଲେ କେହି ଖସି ଯାଇପରିବେ ନାହିଁ। ମଣିଷଭିତରେ ସେହିଶୁଦ୍ଧ ପ୍ରେମ ଟିକକ ଉଦ୍ରେକ ହେଉ। ତେଣୁ ଏଇ ପରିପ୍ରେକ୍ଷୀରେ ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ– “ଜୀବନ କି ଖାଲି ନିରାଶାର ବାଲି

ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଛି ନିତି।”

ମଣିଷ ଭିତରେ ଅହଂକାର ଶୂନ୍ୟ ହୋଇଗଲେ ସାମ୍ୟତା ଆସିବ। ମଣିଷ ଭିତରେ ସମାନତା ଅଭାବରୁ ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଉଛି। ସେଥିପାଇଁ ଜାତି ଜାତି ଭିତରେ ଏତେ ବିଭେଦ ଧର୍ମ ସଂପ୍ରଦାୟ ଭିତରେ ଏତେ ସଂଘର୍ଷ, ଯାହା ସଂସାର ଓ ସମାଜକୁ ରସାତଳଗାମୀ କରୁଛି। ସଂପର୍କ ଛିନ୍ନ ହୋଇଯାଉଛି। ପାପ ଗ୍ରାସ କରୁଛି। ବିଭିଦତା ପ୍ରାଚିର ମୁଣ୍ଡ ଟେକୁଛି। ଏହା ନିଶ୍ଚିତ ଜୀବନ କ୍ଷଣଭଙ୍ଗୁର ବୁଦ୍‌ବୁଦ୍ ସମ। କିନ୍ତୁ ସେଇ ଅମୂଲ୍ୟ ଜୀବନ ଯେ ସାମଗ୍ରିକ ଭାବରେ ଅନ୍ୟର ଦରଦ ତଥା ସାହାଯ୍ୟ ପାଇଁ ଅଭିପ୍ରେତ ଏହା ବୁଝିବାକୁ ହେବ। “ମୋ’ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ’ ଏଇ ମହନୀୟ ଭାବଧାରାରେ ସମସ୍ତେ ଅନୁପ୍ରାଣିତ ହେଲେ ଜୀବନ ଅମୃତମୟ ହୋଇଯିବ।

*କଟକ*
*ମୋ: ୯୪୩୭୭୭୨୮୪୭୫*

# ପ୍ରେମମୟ ସ୍ୱାମୀ ଅସୀମାନନ୍ଦ



ଦେବଦତ୍ତ ବିଶ୍ୱାଳ

ତେଲଲୁଣ ସଂସାର ଭିତରେ ଈଶ୍ୱରଙ୍କ ଦିବ୍ୟସତ୍ତା ଉପଲବ୍ଧି କରିବା ସତରେ ଏ ସମୟ ପାଇଁ ନିଶ୍ଚିତ ଭାବରେ ବିରାଟ ବଡ଼ ବିସ୍ମୟ ! ଧାଁଧଉଡ଼, ବ୍ୟସ୍ତବହୁଳ ଜୀବନ ତା’ଭିତରେ ପିଲାଛୁଆଙ୍କ ଠାରୁ ବାପାମା’ଙ୍କ ଦାୟିତ୍ୱ ଏହି ଚିର ବ୍ୟସ୍ତତା ଭିତରେ ଆମ୍ଭେମାନେ ଜଣଙ୍କୁ କିନ୍ତୁ ଭୁଲିଯାଉ । ସେ ହେଉଛନ୍ତି ପରମ ପ୍ରେମମୟ, ସର୍ବଶକ୍ତିମାନ, ସର୍ବଜ୍ଞାତା ଓ ସର୍ବବିଦ୍ୟମାନ ଭଗବାନ । ପୁଣି ପ୍ରଶ୍ନ ଉଠିବ ସତରେ ଏ ଦୁନିଆରେ କ’ଣ ଭଗବାନ ଅଛନ୍ତି ? ହଁ, ସେ ନିଶ୍ଚୟ ଅଛନ୍ତି । ଆମ ଆଖପାଖରେ ରହି ସଦାସର୍ବଦା ଆମ ଦୋଷତ୍ରୁଟିକୁ ସୁଧାରି ଦିବ୍ୟପଥର ଯାତ୍ରୀ ହେବାପାଇଁ ମାର୍ଗ ଦେଖାଉଛନ୍ତି । କିନ୍ତୁ ଆମକୁ ସେ ମାର୍ଗରେ ଚାଲିବା ପାଇଁ ଭଲ ଲାଗିବା ନ ଲାଗିବା ତ ଦୂରର କଥା ବିଭିନ୍ନ ବାହାନା ଓ ବିଭିନ୍ନ ପ୍ରସଙ୍ଗ ଉଠାଇ ନିଜ ଦୁଃଖର ରାସ୍ତାର ପଥିକ ହେଉଛେ । ସମାଜରେ ସଂସ୍କାର ଆଣିବା ପାଇଁ ସମସ୍ତଙ୍କୁ ଦିବ୍ୟପଥର ଆଲୋକ ଦେଖାଇବା ପାଇଁ ଆମ୍ଭମାନଙ୍କ ସହିତ ରକ୍ତମାଂସର ଶରୀର ଧାରଣ କରିଥିବା ଜଣେ ସିଧାସାଧା ଦିବ୍ୟଲୋକ ଅଛନ୍ତି । ଯାହାଙ୍କୁ କେହି ସ୍ୱାମୀଜୀ କୁହନ୍ତି, କେହି କେହି ସନ୍ଥ, କେହି କେହି ଆଧ୍ୟତ୍ମିକ ପୁରୁଷ, ପ୍ରବଚକ ଭାବରେ ଜାଣନ୍ତି । ସେ ହେଉଛନ୍ତି ପୁଣ୍ୟାତ୍ମା ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ । ଆଜିକୁ ତିନି ଦିନ ତଳୁ ତାଙ୍କ ରାମନିଗମେଶ୍ୱର ମନ୍ଦିରର ଧ୍ୟାନ ପ୍ରକୋଷ୍ଠରେ ବ୍ରହ୍ମଲୀନ ହୋଇଛନ୍ତି । ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ନିଜର ଆଧ୍ୟାତ୍ମିକ ପ୍ରତିଭାକୁ ପ୍ରତିଭାତ କରିବା ପୂର୍ବରୁ ସାଧାରଣରେ ବୈକୁଣ୍ଠନାଥ ବିଶ୍ୱାଳ ଭାବରେ ପରିଚିତ ଥିଲେ । ସ୍ୱାମୀ ଅଚ୍ୟୁତାନନ୍ଦ ସରସ୍ୱତୀଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ଏହି ଦିବ୍ୟ ମଣିଷ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଭାବରେ ଭକ୍ତଜନଙ୍କ ପାଖରେ ପରିଚିତ ହେଲେ । ଦୀର୍ଘକାୟ ଚେହେରାର ସୌମ୍ୟ, ସୁନ୍ଦର ମୁଖମଣ୍ଡଳ ସଦାସର୍ବଦା ହସହସ ବଦନରେ କେବଳ ନିଜର ଆଶ୍ରିତଜନ ନୁହଁନ୍ତି ବରଂ ସମଗ୍ର ସମାଜର କଲ୍ୟାଣ ପାଇଁ ସେ ସଦାସର୍ବଦା ଜାଗ୍ରତ, ପ୍ରଚେଷ୍ଟିତ । କୁହାଯାଏ ଓଡ଼ିଶାରେ ଏପରି ଘର ନଥିବ ଯେଉଁଠି ନିର୍ମାଲ୍ୟ କଣିକାଟିଏ ନଥିବ । ତେବେ ଅନେକ କୁହନ୍ତି ସତରେ ଏ ଓଡ଼ିଶା ମାଟିରେ ଏପରିବି କେହି ଲୋକନଥିବେ ଯିଏ କି ସ୍ୱାମୀଜୀଙ୍କ ଦିବ୍ୟକୃପା ହେଉ କିମ୍ବା ଅଲୌକିକ ଦର୍ଶନ, କୌଣସି ଲୀଳା ପ୍ରତ୍ୟକ୍ଷତା କରିବା ହେଉ ବା ତାଙ୍କ ପ୍ରେମପୂର୍ଣ୍ଣ ଦିବ୍ୟ ସମ୍ଭାଷଣ ଶୁଣି ନଥିଲେ ବି ତାଙ୍କ ଦିବ୍ୟନାମ ନିଶ୍ଚୟତା ତା କାନରେ ପଡ଼ିଥିବ । କିନ୍ତୁ ଏ ସବୁଠାରୁ ଯଥେଷ୍ଟ ଦୂରରେ ରୁହନ୍ତି ସ୍ୱାମୀଜୀ ।

ଏକଦା କଟକର ମହାନଦୀ କୂଳରେ ଥିବା ବଣଜଙ୍ଗଲ ସରୀସୃପ ପରିବେଷ୍ଟିତ ଚହଟାଘାଟ ଠାରେ ନିଜ ଗୁରୁ ସ୍ୱାମୀ ଶ୍ରୀ ଶ୍ରୀ ନିଗମାନନ୍ଦ ଠାକୁରଙ୍କୁ ଏକ ଛୋଟିଆ କୁଟୀରରେ ରଖି ଧ୍ୟାନସ୍ଥ ରହୁଥିଲେ । ଯେଉଁଠି ଏବେ ଜଗତର କଲ୍ୟାଣ ପାଇଁ ତଥା ମୁମୁକ୍ଷୁ ଆର୍ଯ୍ୟଜନମାନଙ୍କୁ ଆଧ୍ୟାତ୍ମିକତାର ପଥ ଦେଖାଇବା ପାଇଁ ମୁଣ୍ଡ ଟେକିଛି ରାମନିଗମେଶ୍ୱର ମନ୍ଦିର । ସ୍ୱାମୀଜୀଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟ ଯେତିକି ସରଳ ସେତିକି ବିସ୍ମୟକର ଥିଲା। ସଦାସର୍ବଦା ଚୁପ୍‌ଚାପ ରହିବା ପାଇଁ ଚିରଶାନ୍ତ, ପ୍ରେମମୟ ସ୍ୱାମୀଜୀ ପ୍ରାୟତଃ ଧ୍ୟାନସ୍ଥ ରହିବା ପାଇଁ ପ୍ରଚେଷ୍ଟିତ ଥାଆନ୍ତି । କୌଣସି ଆଶ୍ରିତଜନ ଗଲେ ଜଣେ ଯେତିକି ଆବଶ୍ୟକ ମନେ କରନ୍ତି ତା’ର ସମସ୍ୟା ଦୁଃଖ, ଦୈନ୍ୟ ଦୂର ପାଇଁ ଶୁଣିଥାନ୍ତି। ପ୍ରତିକାରର ରାସ୍ତା ବି ଦେଖାଇନ୍ତି । ତାଙ୍କ ପ୍ରତିଷ୍ଠିତ ଆଶ୍ରମ ପରିସରରେ କେହି ଜଣେ କେବେ ଅଭୁକ୍ତ ରହିନାହିଁ । କାରଣ ତାହା ହେଉଛି ଅର୍ଣ୍ଣପୂର୍ଣ୍ଣାଙ୍କ କ୍ଷେତ୍ର । ସ୍ୱାମୀଜୀ ସଦାସର୍ବଦା ଆଶ୍ରମ ନିବାସୀ ମାନଙ୍କୁ ନୁହଁନ୍ତି ଯେ କୌଣସି ବାହାର ଲୋକଟି ଗଲେ ତା’ ଭଲମନ୍ଦ ବୁଝିବାଠାରୁ, ଖାଇବା ପିଇବା ବି ନିଜେ ବୁଝଥାନ୍ତି । ଯେକୌଣସି ଆଶ୍ରିତ ଲୋକଟିର ଦୁଃଖଯନ୍ତ୍ରଣା ସମୟରେ କାହା ପାଇଁ ଆଶୀର୍ବାଦ ପଠାଇଥାନ୍ତି ତ କାହାର ଭାଗ୍ୟ ଥିଲେ ତା’ଘରେ ବି ପାଦ ଦେଇଥାନ୍ତି । ସେପରି ଭାଗ୍ୟବାନମାନେ ବିସ୍ମୟରେ ସ୍ୱାମୀଜୀଙ୍କ ଦିବ୍ୟସତ୍ତା ଓ ଉପଲବ୍ଧି ସମ୍ପର୍କରେ ଯାହା କୁହନ୍ତି ତାହାତ ଏକ ପୋଥିର କାହାଣୀ ପାଲଟିବ । ବ୍ୟକ୍ତିଗତ ଅନୁଭୂତିଟି ଲେଖୁଛି – ପ୍ରାୟତଃ ଆଶ୍ରମକୁ ନିୟମିତ ଆସୁଥିବା ଜଣେ ଯୁବକ ଗତ ବର୍ଷ ଏକ ଦୁର୍ଘଟଣାରେ ଗୁରୁତର ହୋଇଗଲେ । ସ୍ୱାମୀଜୀ ତତ୍‌କ୍ଷଣାତ୍ ଆମ୍ଭମାନଙ୍କୁ ସେ ଯୁବକଙ୍କ ପାଖକୁ ତୁରନ୍ତ ପଠାଇବା ସହ ନିୟମିତ ଭାବରେ ତାଙ୍କ ପାଖରେ ପହଞ୍ଚିବା ପାଇଁ ସେ ବ୍ୟସ୍ତ ହୋଇପଡୁଥାନ୍ତି । କେବଳ ସେତିକି ନୁହେଁ ସେ ଯୁବକ ଜଣକ ଚିକିତ୍ସାଳୟରୁ ତାଙ୍କ ଘରକୁ ଆସିବା ମାତ୍ରେ ସ୍ୱାମୀଜୀ ତାଙ୍କ ପାଖରେ ପହଞ୍ଚି ଯାଇଥିଲେ । ଇଏ ହେଉଛି ଭାତ ହାଣ୍ଡିରୁ ଗୋଟିଏ । ସେ ତାଙ୍କ ସାଧନା ଦ୍ୱାରା ବହୁତ କିଛି ଜାଣି ପାରୁଥିଲେ ମଧ୍ୟ ଯେଉଁଥିରେ ଜଗତର କଲ୍ୟାଣ ଥାଏ ତାହାକୁ ସେ ଖୁବ୍ ସଂକ୍ଷିପ୍ତରେ ପ୍ରକାଶ କରନ୍ତି । ସ୍ୱାମୀଜୀ ଓଡ଼ିଶାର ଯେକୌଣସି ଧର୍ମାନୁଷ୍ଠାନ ହେଉ ବା ସେବାନୁଷ୍ଠାନ, ଶିକ୍ଷାନୁଷ୍ଠାନ ହେଉ ବା ଜଣେ ଯେ କୌଣସି ଠାକୁରଙ୍କ ଆଶ୍ରିତ ହେଉନ ନା କାହିଁକି ଯିଏବି ସ୍ୱାମୀଜୀଙ୍କୁ ପ୍ରେମରସହ ଚାହିଁଛି ସେଠାରେ ସେ ପହଞ୍ଚିଛନ୍ତି । ସଦା ବିଳାସମୟ ଜୀବନକୁ ପସନ୍ଦ କରୁନଥିବା ସ୍ୱାମୀଜୀଙ୍କ ନିରାଡ଼ମ୍ବର ସରଳ ଜୀବନ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରେ । ରାମ ଜନ୍ମ ଭୂମି ବିବାଦ ସମୟରେ ଦିବ୍ୟ ସଂକଳ୍ପରେ ସ୍ୱାମୀଜୀ ପାଦ ଦେଇଥିଲେ ଅଯୋଧ୍ୟାରେ । ଆଉ ତାଙ୍କ ସଂକଳ୍ପ ବି ଫଳବତୀ ହୋଇଥିଲା । ପରବର୍ତ୍ତୀ ସମୟରେ ଚହଟାଘାଟରେ ନିର୍ମାଣ ହୋଇଥିଲା ଶ୍ରୀ ରାମନିଗମେଶ୍ୱର ମନ୍ଦିର । ‘ଅସୀମାନନ୍ଦ ମିଶନ୍’ ନାମରେ ତାଙ୍କର କିଛି ଆଶ୍ରିତମାନେ ଆଧ୍ୟାତ୍ମିକ ଅନୁଷ୍ଠାନ ଗଢ଼ି ସ୍ୱାମୀଜୀଙ୍କ ମାର୍ଗ ଦର୍ଶନରେ ଜଗତ କଲ୍ୟାଣ ପାଇଁ ବିଭିନ୍ନ ଧର୍ମୀୟ,ସେବା କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ସମ୍ପ୍ରତି ସବୁକ୍ଷେତ୍ରର ମାନବୀୟ ମୂଲ୍ୟବୋଧ ଅପସୃୟମାଣ ହୋଇପଡୁଥିବା ବେଳେ ଜଗତ୍‌ଜନଙ୍କ ଦିବ୍ୟ ରାସ୍ତା ଦେଖାଇବାକୁ ତାଙ୍କରି ସମ୍ପାଦନାରେ ‘ଅସୀମାଲୋକ’ ପ୍ରକାଶିତ ହେଉଛି । କେବଳ ରାଜ୍ୟ ଭିତରେ ନୁହେଁ ରାଜ୍ୟ ବାହାରେ ଥିବା ସ୍ୱାମୀଜୀଙ୍କ ଅଗଣିତ ଆଶ୍ରିତମାନେ ସ୍ୱାମୀଜୀଙ୍କ ଅଲୌକିକତାକୁ ପ୍ରତ୍ୟକ୍ଷତା କରୁଥିଲେ ବି ସ୍ୱାମୀଜୀ କିନ୍ତୁ ସ୍ମିତହାସ୍ୟ ବଦନରେ ନୀରବ ରହୁଥିଲେ । ଯିଏ ସବୁ ଜାଣେ ତାଙ୍କ ପାଖରେ ବାକ୍‌ଚାତୁରୀର କି ବା ପ୍ରୟୋଜନ ଥାଏ ? ସମସ୍ତଙ୍କ ଭିତରେ ଭଗବାନଙ୍କ ସତ୍ତା ଅନୁଭବ କର । ଆଉ ସମସ୍ତେ ସଦାସର୍ବଦା ଭଗବାନଙ୍କ ଦିବ୍ୟନାମ ସ୍ମରଣ କରି ତାଙ୍କରି ଦିବ୍ୟପଥର ଯାତ୍ରୀ ହେବା ପାଇଁ ପ୍ରଚେଷ୍ଟିତ ହୁଅନ୍ତୁ । ସ୍ୱାମୀଜୀ ଦେହ ଛାଡ଼ିଛନ୍ତି ସେ ଯେଉଁ ବୈକୁଣ୍ଠ ଧାମରେ ପହଞ୍ଚିଛନ୍ତି ସେହିଠାରୁ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଆମେ ତାଙ୍କୁ ସର୍ବତ୍ର ଅନୁଭବ କରୁଛୁ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ*
*ଦୂରଭାଷ : ୯୮୬୧୯୪୪୫୯୪*

# ହଜ୍ ତୀର୍ଥ ଇସଲାମର ଏକ ମୌଳିକ ନୀତି



ମୌଲାନା ଫଜଲ ହକ ଖାଁ

ଇସଲାମର ପାଂଚଗୋଟି ମୌଳିକ ନୀତି ମଧ୍ୟରୁ ହଜ ଅନ୍ୟତମ । ହଜ୍ ଏକ ସୁସ୍ଥ ପରମ୍ପରା, ନିର୍ମଳ ଓ ଶୁଦ୍ଧପୂତ ଉପାସନା । ହଜ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଂକା ନରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନଉପୁଜିବା ତଥା ପରିବାର ବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍ । ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନା ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀ ପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ଭାବେ ନିର୍ମିତ ହୋଇଥିଲା । ଏହା ପୁରାଣ ବର୍ଣ୍ଣିତ ଆଦ୍ୟ ଅବତାର ‘ଆଦିତି’ ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ । ପରେ ପ୍ରାୟ ୪୦୦୦ବର୍ଷ ପୂର୍ବେ ହଜରତ ଇବ୍ରାହମ ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ । ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମୟ କାଳରେ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା ଗୃହ ଭାବେ ବ୍ୟବହାର କରିଥିଲେ । ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୂହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ । ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ, କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢି ଉଠିଥିଲା।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇ ନାହିଁ । ବରଂ ଯେକେହି ବ୍ୟକ୍ତି , ସେ ଯେ କୌଣସି ଧର୍ମାବଲମ୍ବୀ ହୋଇ ଥାଉ ନା କାହିଁକି , ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବା ପାଇଁ ଅନୁମତି ପାଇପାରିବ । ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ୍ୟ ସାର୍ବଜନୀନ ଉପାସନା । ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେ ନାହିଁ । ପୂର୍ବରୁ ଇହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ । ପବିତ୍ର କୋରାନ କୁହେ ‘ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ ଲାଭ ପାଇଁ ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ । ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣ ଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ। ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ । ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ କରିଛନ୍ତି।’

ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ ‘ବୈତୁଲ୍ଲାଃ’ବା ଅଲ୍ଲାଃଙ୍କ ଘର କୁହନ୍ତି । ଏହାର ଗଠନ ଶୈଳୀ ଅତି ସାଧାରଣ । ଚାରି କୋଣିଆ ବର୍ଗାକାର ପଥର ଘରଟିଏ । ଉଚ୍ଚତା ୧୫.୨୫ ମିଟର । ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତା ବଳୟ ମଧ୍ୟରେ ଆସିଯିବ । ମନରେ ଆତ୍ମାଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ । ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ । ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ । ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ ଯେଉଁ ଠାରେ ଅହର୍ନିଶୀ ଚବିଶ ଘଂଟା ଉପାସନା କରାଯାଉଛି । ପୃଥିବୀ ପୃଷ୍ଠରେ ଅସଂଖ୍ୟ ପୁରାତନ କିର୍ତୀ ଓ ସହର ନିଶ୍ଚିହ୍ନ ହୋଇଯାଇ ଥିଲେ ମଧ୍ୟ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତାର ଘୋଷଣା କରୁଛି।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ । କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ମଦିନାର ଏକ ମସଜିଦରେ ଇହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଣରୁ ପରମେଶ୍ୱର ଧର୍ମ ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରିଦେଇଛନ୍ତି । ପବିତ୍ର କୋରାନରେ‘ସକଳ ମାନବ’କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି ।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇ ପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ, ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ୍ । ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ । ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବ ଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ – ଈଶ୍ୱରଙ୍କ କରୁଣାର ଉତ୍ସ । ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି ‘ବସୁଧୈବ କୁଟୁମ୍ବକମ’ର ଭାବ ଉଦ୍ରେକ କରିବାରେ ସହାୟକ ହେବ। ମଦିନା ୱାଲୋଁକୋ ମେରା ସଲାମ୍ କହ୍‌ନା। ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର‘ସଲାମ’ର ବାର୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବ କୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ। ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା।

***ମଙ୍ଗଳାବାଗ,କଟକ***
***ଦୂରଭାଷ : ୯୬୯୨୨୨୫୦୫୭***

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୬୪




*(ପୂର୍ବପ୍ରକାଶ ଉତ୍ତାରୁ)*

ତେଣୁ ଲୋକମାନେ ତୋତେ ଆକ୍ଷେପ କରିବା ପୂର୍ବରୁ ମୋ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବେ। କହିବେ- ତା ତପସ୍ୟାର ପ୍ରତିଦାନରେ ସାନମାଲିକ ତା ଉପରେ ଆଖି ପକାଇଲା। ହେଲେ ମୁଁ ତ ତୋତେ ଅଧିକାର ସହିତ ଆପଣେଇ ନେବାକୁ ଚାହେଁ। ଏବଂ ସେ ସମସ୍ତ ଅପବାଦକୁ ମୁଁ ଅତି ଆନନ୍ଦରେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ଲୀନା। କାହାର ଆରୋପ ପ୍ରତ୍ୟାରୋପ ପାଇଁ ନିଜ ଜୀବନର ସୁଖକୁ ମୁଁ ତ୍ୟାଗ କରିପାରିବି ନାହିଁ। ସେମାନଙ୍କ ଅପେକ୍ଷା ମୁଁ ନିଜକୁ ଗୁରୁତ୍ୱ ଦିଏ, ମୋ ଅସଜଡା ଜୀବନକୁ ସଜାଡିବାକୁ ଚାହେଁ। ସମାଜର ମୁକାବିଲା ମୁଁ କରିବି, ତୁ ସେଥିପାଇଁ ବ୍ୟସ୍ତ ହ'ନି। ତୁ ଖାଲି ନିଜକୁ ପ୍ରସ୍ତୁତ କର।

ଆଉ ସାନ ମାଲିକାଣୀ..? ସେ ଯଦି କେବେ ତାଙ୍କ ମନ ବୁଝାଇ ଫେରିଆସନ୍ତି ତୁମ ପାଖକୁ ପୁଣିଥରେ ସଂସାର ରଚିବାକୁ, ତେବେ!

ନା ସେ ଆଉ ଆସିବାର ନାହିଁ। ସେ ସଂଭାବନା ସରିଯାଇଛି କେବେଠାରୁ। ଏବେ ମୁଁ ସିଦ୍ଧାନ୍ତ ନେଇସାରିଛି ଲୀନା। ତାକୁ ପ୍ରତିହତ କରିବାର ଶକ୍ତି ମୋ ନିଜର ବି ନାହିଁ। ଅନେକ ସାଲିସ୍ କରିଛି ଜୀବନରେ। ହେଲେ ଏବେ ମୁଁ ଆତ୍ମହତ୍ୟା କରିବାକୁ ଚାହୁଁନାହିଁ। ଆଉ ତଥାପି ସେ ଯଦି ବି କେବେ ଫେରିଆସେ, ସେତେବେଳେ ବହୁ ବିଳମ୍ବ ହୋଇସାରିଥିବ। ତୋ ମଥାରେ ମୋ ନାଁର ସିନ୍ଦୂର ଲାଗିସାରିଥିବ। ତୋ ଦେହରେ ମୋ ସ୍ପର୍ଶର ସ୍ୱାକ୍ଷର ତରଙ୍ଗାୟିତ ହେଉଥିବ। ଆଉ ତୋ ଓଠରୁ ମୋ ପ୍ରେମର ମଳୟ ଝରୁଥିବ! ତୁ ଖାଲି ଲୀନା ନଥିବୁ। ବରଂ ତୁ ପରିବର୍ତ୍ତିତ ହୋଇଥିବୁ ମୋ ସ୍ତ୍ରୀ, ଅର୍ଦ୍ଧାଙ୍ଗିନୀ ବା ଜୀବନସାଥୀ ହିସାବରେ।

ସେ କଥା ମୁଁ ତୋତେ ଦେଉଛି ଈଶ୍ୱରଙ୍କୁ ସାକ୍ଷୀ ରଖି। ମୁଁ ମୋ ଜୀବନ ରାସ୍ତାରେ ବହୁବାଟ ଆଗେଇ ସାରିଥିବି। ତୋ ସହିତ ଗୋଟେ ସୁଖକର ଜୀବନର ପରିକଳ୍ପନାରେ ବିଭୋର୍ ହୋଇସାରିଥିବି। ଏତେବାଟ ଆସି ପୁଣି ଫେରିଯିବାଟା କଣ ସହଜ କି ଲୀନା? ତୋର ତପସ୍ୟା କଣ ଏମିତି ବ୍ୟର୍ଥ ହୋଇଯିବ? ତୁ କଣ ସବୁବେଳେ ବଳିଦାନ ଦେଇ ଚାଲିଥିବୁ ମୋ ପାଇଁ ଆଉ ମୁଁ ସ୍ୱାର୍ଥପର ଭାବେ ନେଇ ଚାଲିଥିବି ନିର୍ଲ୍ଲଜଟିଏ ପରି! ନା ଆଉ ପାରିବିନି। ତୋ ତପସ୍ୟା କିମ୍ବା ତୋ ବଳିଦାନ ପାଇଁ ଆଜି ମୁଁ ତୋତେ ନିଜର କରିବାକୁ ଚାହେଁନି ବରଂ ମୁଁ ମୋ ନିଜପାଇଁ, ମୋ ଭଲ ପାଇବା ପାଇଁ ତୋତେ ପାଇବାକୁ ଚାହେଁ। ଯେଉଁ ଭଲପାଇବାକୁ ବୁଝିବା ପାଇଁ ମୋତେ ଏତେବର୍ଷ ଲାଗିଗଲା। ଏଇଟା ଦୟା ନୁହେଁ। ଅତୃପ୍ତ ହୋଇ ଚାଲିଗଲେ ସେମାନେ, ଯେଉଁମାନେ ଦିନେ ମୋର ଛାତ ଓ ଘର ପାଲଟିଥିଲେ। ମୋ ସୁଖ ଦେଖିବାର ଧୈର୍ଯ୍ୟ କାହାର ବି ରହିଲାନି!

ହେଲେ ଆଜି ମୁଁ ସେମାନଙ୍କୁ ଦେଖାଇ ଦେବାକୁ ଚାହେଁ- ମୁଁ ଦୁଃଖୀ ନୁହେଁ ଜମା! ସେମାନେ ସେ ଅଦେଖା ଦୁନିଆଁରୁ ଆମକୁ ନିଶ୍ଚୟ ଆଶୀର୍ବାଦ କରିବେ। ସେ ପ୍ରତିଶ୍ରୁତି ମୁଁ ତୋତେ ଦେଉଛି ଆଜି। ତୁ ବ୍ୟସ୍ତ ହ'ନି। ହେଲେ ମୋ ପାଇଁ ତୁ ଅସୁଖୀ ନୋହୁଁ ତ? ମୁଁ ତୋତେ ଅସୁବିଧାରେ ପକାଇଦେଉଛି କି ସ୍ୱାର୍ଥପର ଭାବେ? ଭାବୁଛି ତୁ ବୁଝି ପାରିବୁ ମୋ ମାନସିକ ସ୍ଥିତି..ମୋ ଜୀବନର ଅନ୍ତର୍ଦ୍ୱନ୍ଦ୍ୱ। ଲୀନା ଜୀବନର ସେ ମହାର୍ଘ ମୁହୂର୍ତ୍ତକୁ ଅଣଦେଖା କରିପାରିଲାନି। ସେ ତ ପ୍ରକୃତରେ ଏସବୁ ସଂପର୍କର ଉର୍ଦ୍ଧ୍ୱରେ ରହି ସାନବାବୁଂକୁ ଭଲପାଇଛି। ତା କିଛି କହିପାରିଲାନି।

ଏତେ ଦିନତଳୁ ସାଇତା ଲୁହର ଶ୍ରାବଣ ଆଜି ଝରିଯିବାକୁ ବ୍ୟାକୁଳ ହେଉଥିଲେ। ସେ ବି ପ୍ରତିରୋଧ କରୁନଥିଲା। ସାନବାବୁ ଆଉ ଟିକେ ପାଖକୁ ଲାଗି ଆସିଥିଲେ। ଗୋଲାପ ଫୁଲରେ ଅଧୀର ହେଉଥିବା କୋମଳ ହାତ ପାପୁଲିରେ ଲୁହ ପୋଛି ଆଉଜେଇ ନେଉଥିଲେ ତାଙ୍କ ଛାତିକୁ। ଲୀନାର ଚୂନାଚୂନା ଚୁଟି ଘୂରିବୁଲୁଥିଲା ତାଙ୍କ ମୁହଁ, ଆଖି, ଚିବୁକ ଓ ଅଧର ସଂଲଗ୍ନ ହୋଇ। ତାଙ୍କ ଓଠର ପ୍ରଥମଛୁଆଁ ଲୀନାକୁ ଉଦ୍‌ଜୀବିତ କରୁଥିଲା। ମନ, ହୃଦୟ ଓ ଜୀବନକୁ ସଂପ୍ରସାରିତ କରି ସମସ୍ତ ଅଭାବବୋଧର ଅବସାନ କରିସାରିଥିଲା। ସେ ଜୀବନରେ ପ୍ରଥମ ଥର ପାଇଁ ଆଜି ହଜିଯାଉଥିଲା ଆତ୍ମତୃପ୍ତିର ମହକରେ। ନିଜଭିତରେ ବାରମ୍ବାର ଭାଂଗିରୁଜି ଯାଇଥିବା ଡାଳଗୁଡିକରେ ପତ୍ରମାନେ ପୁନଶ୍ଚ କଅଁଳି ଉଠିଥିଲେ। ଫୁଲରେ ନଦି ହୋଇଯାଉଥିଲା ସେ। ତା ଦେହର ଅଲୋଡାପଣ ଓ ଘୃଣା ଆଜି ସରିଆସୁଥିଲା।

ଏବେ ସେ ତା ଜଡ ଶରୀରର ପ୍ରତିଟି ଅଂଶରେ ଜୈବିକ ସତ୍ତାର ଆବିର୍ଭାବ! ଯାହାକୁ ସ୍ପର୍ଶରେ ଅଧୀରା କରି ଜୀବନ୍ତ କରିଛନ୍ତି ସାନବାବୁ। ତା ଶରୀରର ଅସ୍ପୃଶ୍ୟତା ଓ ପ୍ରାଣହୀନତା ଆଜି ପରାଭୂତ। ପବିତ୍ରତାର ମହମହ ବାସ୍ନା ସେଥିରେ! ଲାଗୁଛି ସେ ଆଜି ପ୍ରଥମ କରି ଜୀଉଁଛି। ପ୍ରଥମ କରି ଫୁଲ ପରି ମହକି ଉଠୁଛି। ତା ଭିତରେ ଆଜି ନୀରବ କୋଳାହଳ..! ସାନବାବୁ ତା ଭିତରେ ହଜିଯାଇଛନ୍ତି। ଛିନ୍ନପୃଷ୍ଠାଟି ଆଜି ପୁଣିଥରେ ନୂଆ କଳେବର ନେଇ ଯୋଡି ହୋଇଯାଇଛି ମୂଳ ପାଣ୍ଡୁଲିପିରେ। ରାତି ବଢୁଛି ତା ସହିତ ସେମାନଙ୍କ ମନତଳର କାମନା ବି! ଲୀନା ଆଜି ପରୀରାଇଜର ସେ ନୀଳପରୀ କଥା ଭାବୁଛି।

ସତରେ କଣ ସେ ଆଜି ନୀଳପରୀ ପାଲଟିଯାଇଛି? ତା ଭିତରର ଦୁଃଖ ଓ ଅଭାବତକ ଝରିଯାଇ ତାକୁ ସ୍ୱଚ୍ଛ ଓ ନିର୍ମଳ କରିଦେଇଛି? ଏବେ ତା ଆଖିରେ ବିହ୍ୱଳିତ ଅଶ୍ରୁ..! ମଧୁର ଯନ୍ତ୍ରଣାରେ ସେ ପୁଲକିତା। ବେପଥୁ ଶୀହରଣରେ ଶୀହରିତା! ଯଦି ଏତେ ଖୁସି ତା ଭାଗ୍ୟଲିପିରେ ଲେଖାଥିଲା ତେବେ ସେ କଷ୍ଟସବୁ ବୋଧହୁଏ କମ୍ ଥିଲା ତା ପାଇଁ। ଏହା ଯଦି ତାର ନିଷ୍ଠା ଓ ତପସ୍ୟାର ଫଳ ତେବେ ଅଗଣିତ ଯାତନାର ମହାବାତ୍ୟାକୁ ସେ ମଥାପାତି ସହିନେବ! ଅକୁହା ବେଦନାର ସମୁଦ୍ରରେ ଗୋଟାପଣେ ଭିଜିଯିବ! କଂଟାର ଗାଲିଚାକୁ ଛାତିତଳେ ଜାକିଧରି ବର୍ଷବର୍ଷ ବିତାଇଦେବ! ତଥାପି ଏ ପ୍ରାପ୍ତି ତା ଯନ୍ତ୍ରଣାକୁ ନୀରବରେ ଧୋଇଦେଇ ପାରିବ! ମନତଳେ ଲେଶମାତ୍ର ରଖିବନି ପୂର୍ବ ଯାତନାର ଗାଥା..। ଆଜି ଦୁହେଁ ଦୁହିଁଙ୍କ ଭିତରେ ସୁଖ ଖୋଜୁଥିଲେ। ଦୁଇଟା ଅଭିଶପ୍ତ ମଣିଷ ସତେଯେପରି ଆଜି ପୂର୍ଣ୍ଣତା ପ୍ରାପ୍ତିରେ ହଜିଯାଇଥିଲେ। ଆଜି ଲଜ୍ଜାବୋଧରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା। ନିବିଡରୁ ନିବିଡତର ହେଉଥିଲେ ସେମାନେ। ଗହଳରାତିର ବହଳତା ବଢିବଢି ଚାଲିଥିଲା। ସେପଟେ କାକରରେ ଭିଜୁଥିଲେ ଫୁଲମାନେ ରାତିତମାମ୍।

ନିଳ ଗୋଲାପର ବୃନ୍ତରୁ ଦୁଇଟିକଢ ଫୁଟିବାର ଉପକ୍ରମ କରୁଥିଲେ ଲୀନାପାଇଁ। ସେମାନେ ବି ଲୀନା ପରି ଫୁଟିଉଠୁଥିଲେ ଅଜସ୍ର ଆବେଗ ଓ ରୋମାଞ୍ଚରେ। କାୟ ମନୋବାକ୍ୟରେ ଏତେ ଦିନଧରି ସେ ସମସ୍ତଙ୍କର ସେବା କରିଛି। ତା ସରଳ ମନତଳେ ଏମାନଙ୍କୁ ରଙ୍ଗାଇଛି,ଭିଜାଇଛି। ଘର, ମଣିଷ, ଗଛ,ଠାକୁର ସମସ୍ତଙ୍କ ପାଇଁ ତ ସେ ଖାଲି କରିଛି ଆଉ କରିଛି..। ତା ପାଇଁ ସାମାନ୍ୟ ଗୋଲାପଫୁଲ କେଇଟା କଣ ଏ ଗଛ ଦେଇ ପାରିବନି? ଏବେ ଆଉ କିଛି ବ୍ୟବଧାନ ନଥିଲା ସେମାନଙ୍କ ଭିତରେ। ଆଜି ବହୁଦିନ ପରେ ଖୁବ୍ ଗୁଡିଏ ହେନା ଓ ସୁଗନ୍ଧରାଜ ଫୁଲ ଫୁଟିଥିଲେ କି କଣ ମହକିତ ଲାଗୁଥିଲା ଏ ରାତି। ଲାଗୁଥିଲା ସେ ବି ଛନ୍ନଛନ୍ନ ..ତରଳ ଆବେଗରେ । ସାନବାବୁଙ୍କ ଭିତରେ ସେ ଆତ୍ମବିସ୍ମୃତ ଥିଲା ଦୀର୍ଘସମୟ। ସାନବାବୁଙ୍କ ବାହୁ ବେଷ୍ଟନୀ ଭିତରେ ସେ ରାତିଟା ଯାକ ସୁଖକର ସ୍ୱପ୍ନରେ ହଜିଯାଇଥିଲା ସେ।

ସକାଳର କେହି ପ୍ରତୀକ୍ଷା କରୁନଥିଲେ। ଏମିତି ଅନେକ ସମୟ ଧରି ଦୁହେଁ ପରସ୍ପର ଭିତରେ ଆତ୍ମବିସ୍ମୃତ ଥିଲେ। ଲୀନା ପାଷାଣୀ ଗୌତମୀରୁ ନାରୀ ପାଲଟି ଯାଇଥିଲା। ପବିତ୍ରତାର ରୋମାଞ୍ଚରେ ସେ ପୁରାପୁରି ଭିଜି ଯାଇଥିଲା। ନିଥର ପ୍ରାଙ୍ଗଣରେ ପତ୍ରଟିଏ କଅଁଳି ଉଠିଥିଲା ଯେପରି! ମରୁଭୂମିର ନିଷ୍ପ୍ରାଣ ବାଲିରେ ଶ୍ରାବଣ ତା ବୁକୁ ଫଟାଇ ଝରିଗଲା ଯେପରି! ଆଜି ମଳୟ ପ୍ରଥମ କରି ଛୁଇଁ ଯାଇଛି ସେମାନଙ୍କୁ। ଜୀବନରେ ବସନ୍ତ ଫେରିଛି ସତେ ଅବା! ଦୁହେଁଯାକ ରାତିତମାମ ଗୋଟେ ସ୍ୱପ୍ନର ମାୟାପୁରୀ ଭିତରେ ଘୂରି ବୁଲୁଥିଲେ। ଅବଶ ଦେହ ଦୁଇଟା ତଥାପି ଜଡାଇ ହୋଇଯାଇଥିଲା ଗଛ ଓ ଲଟାଟିଏ ପରି!

ଲାଗୁଥିଲା ସ୍ୱର୍ଗର ପାରିଜାତ ଏଇ ଯେମିତି ସେମାନଙ୍କ ଘର ଅଗଣାରେ। ତାର ମହକ ସତେଯେପରି ଛୁଇଁଯାଉଛି ଉଭୟଙ୍କ ଦେହ ଓ ମନତଳେ। ଜୀବନର ଏତେ ସୁଖ ଭୋଗିବାକୁ ଥିଲା ବୋଲି ବୋଧହୁଏ ସବୁତକ ଦୁଃଖ ନିଃଶେଷ ହୋଇଯାଇଥିଲେ! ପରୀ ରାଇଜର ସେ କାହାଣୀଟି ଏବେ ସତରେ ପରିଣତ! ଅର୍ଦ୍ଧମୁଦ୍ରିତ ଆଖିକୋଣରୁ ଦେଖୁଥିଲା ଲୀନା ଏଇ ତ ରାତି ସରିଆସୁଛି..ନିଜକୁ ଗୋଟାଇ ଏକଜୁଟ୍ କରିବାକୁ ଚେଷ୍ଟାକଲା। ଅଥଚ ପାରିଲାନି..ସେ ବାହୁବନ୍ଧନ ଏବେ ବି ଖୁବ୍ ଶକ୍ତ ଓ ଦୃଢ। ମୁକୁଳିପାରୁନି ସେ ତାର ବହୁ ବାଞ୍ଛିତ ଓ ଚିରଈପ୍ସିତ ବନ୍ଧନରୁ।

ହେଲେ ପ୍ରକୃତରେ ସେ କଣ ମୁକୁଳିବାକୁ ଚାହେଁ ଏ ସ୍ୱର୍ଗୀୟ ଚେତନାର ପରିସର ଭିତରୁ? ଏତେବର୍ଷର ତପସ୍ୟା ପରେ ଆଜିର ଏ ମିଠା ଅନୁଭୂତି ତା ଦେହ ଓ ମନତଳେ ଅଗଣିତ ପୁଲକ ଭରିଦେଉଥିଲେ। ଲାଗୁଥିଲା ସବୁଦୁଃଖ ଆଜି ଦି'ବୁନ୍ଦା କାକର ହୋଇ ତାର ହୃଦୟରୁ ଝରଝର ହୋଇ ଝରିଯାଉଛନ୍ତି। ଆଉ ସେ ମୁକ୍ତ ଚଢେଇଟିଏ ପରି ଉଡିଆସି ସାନବାବୁଙ୍କ ବସାରେ ଆଶ୍ରୟ ନେଇଛି! ଓଠତଳେ ତୃପ୍ତିର ହସଝରାଟିଏ ଝଲସି ଉଠିବାକୁ ବ୍ୟାକୁଳ ହେଉଥିଲା। ଆକାଶରେ ତାରାମାନେ ଧୀରେ ଧୀରେ ଲିଭିଯାଉଥିଲେ। ବାଦଲମାନଂକ ଫାଙ୍କରୁ ସୂର୍ଯ୍ୟ ଉଇଁବାର ପ୍ରାକ୍ ସୂଚନା ମିଳୁଥିଲା।

ନୂଆ ସକାଳଟା ଆଜି ବହୁତ କିଛି ସାଉଁଟି ଆଣିଥିଲା ତା ପଣତରେ। ଲାଗୁଥିଲା..ଜୀବନ ସରିନାହିଁ ଏଠି, ଅନେକ କିଛି ବାକି ଅଛି ଏବେ! ଖୁବ୍ ଗୁଡେ ବାଟ ଯିବାକୁ ଅଛି। ସେ ଭାବ ଓ ଅଭାବମାନଙ୍କୁ ପୂର୍ଣ୍ଣ କରିବାର ସମୟ ଉପନୀତ ଏବେ! ଆଃ..ସକାଳ କାଇଁ ହେଲା ଯେ! **(ସମାପ୍ତ)**

*ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର,*
*କ୍ୱ.ନଂ-୩ଆର/୪। ଜଗତସିଂହପୁର*

## ବିଶେଷ କବିତା



## କାମନା

### ଅନସୂୟା ପଣ୍ଡା



ଦେଖିଯାଅ ଥରେ ବିନା ବାହାନାରେ
ବିଡମ୍ବିତ ପ୍ରତୀକ୍ଷାର ପଥ ଧାରେ
ଦାୟବଦ୍ଧତା ନ ଥାଇ ଅନ୍ତରେ
ଅୟୁତ କାମନା ଉଲଙ୍ଘନରେ
କେମିତି ଜଳୁଛି ଜୀବନ୍ତ ଦେହରେ।

ଅଭାବବୋଧର ଟଣା ଓଟରାରେ
ମନଟା ଅବଶ ତିମିରାଚ୍ଛନ୍ନ କାମନାରେ
ଅସଜଡା ସମ୍ପର୍କର ସାମିଆନା ତଳେ
ଯନ୍ତ୍ରଣା ଜର୍ଜରିତ ଜୀବିତ କାଳେ
କୈବଲ୍ୟ ପରିପୂର୍ଣ୍ଣ ପଚିଷ୍ଟ ପିଲାଙ୍କ ସଂସାରେ
ବାସହରା ହେବାକୁ ଯାଉଛି ବିଶ୍ରାମ ନାମରେ।

ଆଧୁନିକତାର ଖଣ୍ଡିଆଭୁତ ଘୂରୁଛି
ବନ୍ୟ ଉତ୍ତେଜନାର କାମନା ବେଦିରେ ଭ୍ରମୁଛି
ଶୋଷଣର ଶତ-ବିଭୀଷିକା ସଞ୍ଚରୁଛି
ଅହେତୁକ ଭୋକର ଭୂଗୋଳ ଲମ୍ବିଚାଲିଛି
ସଂକୀର୍ଣ୍ଣ କାମଳ ମନସ୍ତତ୍ତ୍ୱରେ
ମାନବିକତା ହଜିଛି।

ଭୌତିକ କାମନା ଚରିତାର୍ଥ କରୁଛି
ରାହୁକାଳ ନାମେ ପ୍ରତିଫଳିତ ହେଉଛି
ଦଦରା ସମ୍ପର୍କ ଲୋକଲଜ୍ଜାରେ ଲୁଚୁଛି
କାମନାର ଅନ୍ତରୂପେ ଦୁଃଖର ଅନ୍ତ
ବୌଦ୍ଧିକ ପ୍ରବଞ୍ଚନାର ପ୍ରଶ୍ନବାଚୀ ସାଜୁଛି।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

## ସହଜ ନୁହେଁ କବି ହବା



### ଦିଲିପ୍ କୁମାର ତ୍ରିପାଠୀ

ତମେ କବି ହବାକୁ ବାହାରିଛକି?
କିଓ! ଆଉ କ'ଣ ଗୋଟେ ହେଇଯାଉନ
ଗୀତ ଗାଉନ , ଚିତ୍ର ଆଙ୍କୁନ
ବୈଜ୍ଞାନିକ କି ଡାକ୍ତର ହଉନ
ଦେଶ ବଢିବ,
ତୁମେ ବଢିବ, ସଂସାର ବଢିବ
ଜୀଇଁ ପାରିବ ସମ୍ପୂର୍ଣ୍ଣ ଜୀବନ
ଏଇ କବି ହବାକୁ କିଆଁ ଏତେ ମନ?

କାହିଁକି ସାଇତିବାକୁ ଇଚ୍ଛା
ଚିରାଫଟା ପକେଟରେ
ବୋଉର ଔଷଧ ରସିଦ,
ଘରର ସଉଦା ଚିଠି
କାହିଁକି ରଖିଆକୁ ଇଚ୍ଛା
ଛୁଆଙ୍କ ଚକଲେଟ,ଆଇସକ୍ରିମ
ଆଉ ସ୍ତ୍ରୀର ତତଲା ଲୁହର ହିସାବ
କାହିଁକି ସିଇଁବାକୁ ଇଚ୍ଛା
ଚିରା ଗାମୁଛାକୁ ଜୀବନ ଯାକ
କଉଠୁ ଆଣିବ ଏତେ ଧୈର୍ଯ୍ୟ,ଏତେ ଏକାଗ୍ରତା
ସର୍ବୋପରି କଉଠୁ ଆଣିବ ଏତେ ସୂତା?
ପୁଣି ଏଇ ମହଙ୍ଗା ଯୁଗରେ!

ବିଷ ପିଇଲେ ହୁଅନ୍ତି ନୀଳକଣ୍ଠ
ଲୁହ ପିଇବା ବାଗ ଜାଣିଲେ ହବ କାଠ
ଚୁପ ହେଇ ଜାଣିଲେ ହବ ପଥର
ଅସୁର ମାରିଲେ ହବ ଦେବୀ
ଠିକ ସେମିତି ନିଆଁ ପିଇ ଜାଣିଲେ ହବ କବି
ଭାବୁଛ କି ଏତେ ସହଜ ଲୁହକୁ ସ୍ୟାହି କରିବା
ବାଲିରେ ପାଦ ଚିହ୍ନ ସାଇତିବା
ସମୁଦ୍ର ସହ ଲଢି ଲଢି
ସହଜ ନୁହେଁ ସ୍ମୃତିକୁ କବିତାର ରୂପ ଦେବା
ଜଞ୍ଜାଳ ଡେଣାରେ ଉଡ଼ିଉଡ଼ି
ଭାବୁଛ କି ଏତେ ସହଜ
ଆଉ କାହାର ନିନ୍ଦା ମୁଣ୍ଡେଇବା
ସେଇଥିପାଇଁ କହୁଛି
ସହଜ ନୁହେଁ କବି ହବା!!

*ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ, ଢେଙ୍କାନାଳ*
*ଦୂରଭାଷ : ୯୭୭୮୧୦୬୧୦୫*

## ଗୁରେଇ ଫୁଲରେ ଗୁରେଇ ଖୋସା

### ସୁନନ୍ଦା ମହାନ୍ତି



ଅନେକ ଆଶା ଓ ସ୍ୱପ୍ନ ଦେଖି ଗୁରେଇ ହାତ ଧରିଥିଲା ମହିଆର. ବଣ ମୁଲକରେ ବଢିଥିବା ପ୍ରକୃତିର ଝିଅ ଗୁରେଇ। ଝିଅରୁ ନବବଧୂ ବଦଳରେ ପୋଖତ ନାରୀଟିଏ ହୋଇ ଗଲା। ସେମିତି ବଣକୁ ଯାଉଥିଲା। ମହୁଲ ଫୁଲ ଗୋଟାଇ ଆଣୁଥିଲା। କାଠ ସଂଗ୍ରହ କରି ମାଣ୍ଡିଆ ଯାଉ ପରଷି ଦେଉଥିଲା ମହିଆକୁ। ମହିଆ ଦେହରୁ ତାଡି ଖସୁନଥିଲା। ଦିଶେଇ ଡକାଇ ଝଡ଼ା ଫୁଙ୍କା କରୁଥିଲା ପୁଣି ପ୍ରକୃତିରୁ ସଂଗ୍ରହ କରିଥିବା ଅଁଳା କୋଳି ପାଟିରେ ଦେଇ ସୁନେଲି ସ୍ୱପ୍ନ ଦେଖୁଥିଲା। ମହିଆ ଭଲ ହେଇଯିବ। ସେ ତ ଏବେ ଏବେ ନୂଆ ଜଙ୍ଗଲ ବାବୁଙ୍କ ଘରକୁ ଯାଉଛି କାମ ପାଇଟି କରିବା ପାଇଁ। କଣ ତ ତାକୁ କହୁଛନ୍ତି, ରେଞ୍ଜର ବାବୁ, ଗୁରେଇ ପାଟିରେ ପଶୁନି ନାମଟା। ଭାରି ଭଲ ଦୁଇ ପ୍ରାଣୀ। ଆଗୁଆ ଦୁଇ ମାସର ଦରମା ଦେଇସାରିଛନ୍ତି। ସେ ସହରକୁ ଯାଇ ଔଷଧ ନେଇଆସିବ। ମହିଆ ଉଠିଲେ ତା ସହ କେତେ ଖୁସି ଗପ କରିବ। ବିହା ହୋଇ ଆସିଲା ଦିନୁ ତ ବାଧିକାରେ ପଡିଛି ଭେଣ୍ଡିଆ ମରଦ ଟା ତାର। କଣ କରିବ ସେ!

ସେଦିନ ପ୍ରକୃତି କୋଳରେ ହଜି ଯାଇ କେତେ ସୁନେଲି ସ୍ୱପ୍ନରେ ମସଗୁଲ ହୋଇଯାଉଥିଲା ଗୁରେଇ। ଡାକ୍ତର ବାବୁ ଔଷଧ ଦେଇଛନ୍ତି, ଏଥର ନିଶ୍ଚୟ ଭଲ ହୋଇଯିବ ମହିଆ। ଦୁହେଁ ପ୍ରକୃତି କୋଳରେ ହଜିଯାଇ, କେତେ ଦରବ ଗୋଟେଇ ଆଣିବେ। ଖଜୁରୀ ରସ ବାବୁ ଘରେ ଦେବେ, ପଚାରୁଥିଲେ ସେଦିନ ମା, ତମର ଏଠି ନୀରା ମିଳେ ଗୁରେଇ? ପ୍ରଥମେ ବୁଝି ପାରିନଥିଲା ଗୁରେଇ। ଜିଭ କାମୁଡି ତୁମେ ସେ ତାଡି ପିଇବ ମାଆ! କହି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା, କିନ୍ତୁ ମାଆ ବୁଝେଇ ଥିଲେ, ଆରେ ନାହିଁ, ସକାଳୁ ସକାଳୁ, ଖରା ନପଡିବା ପୂର୍ବରୁ, ତାହା ଦେହକୁ ଉପକାରୀ। କେତେଥର ଗୁରେଇ ଭାବିଲାଣି କାହାକୁ କହି ନୀରା ଠେକି ବାନ୍ଧିବ ଖଜୁରୀ ଗଛରେ, ହେଲେ କେହି ତା କଥା ଶୁଣୁ ନାହାଁନ୍ତି। ଯିଏ ଯାହାର ଖରା ପଡିଲେ, ବିକ୍ରୀ କରିବା ସହ ହାଣ୍ଡିଆ ପିଇ ନାଚୁଛନ୍ତି।

ସେଦିନ ଗୁରେଇ ଚାହିଁଲା ଗଛକୁ। ପ୍ରକୃତି କୋଳରେ ଝିଅ ହୋଇ ବଢିଛି, ନାରୀ ହୋଇ



ସାହାସ ଶକ୍ତି ସଂଶୟ ଦୂର କରି ନିଜେ ଚଢିଲା ଗଛରେ, ବାନ୍ଧିଲା ଠେକି, ଖଜୁରୀ ଗଛରେ, ଓହ୍ଲେଇଲା ଆସ୍ତେ ଆସ୍ତେ। ମହିଆ ଟିକେ ଟିକେ ସୁସ୍ଥ ହୋଇଆସୁଛି, ଏଥର ତା ଦୁଃଖ ଯିବ। ବାବୁ ଘର ମଶାରି ଦେଇଛନ୍ତି। ମଶାରି ଟାଣି ମହିଆ ପାଖେ ଶୋଇ ତା ହାତ ଗୋଡ଼ କାଳେ ବାଧିକା ମହିଆ ଦେହରେ ବାଜି ତାକୁ କାଳେ କଷ୍ଟ ହେବ ବୋଲି, ଯଥେଷ୍ଟ ଦୂରତା ରଖି ଶୋଇବାକୁ ଚେଷ୍ଟା କରି ଶୁଏ ସିନା, ସପନ ଦେଖେ। ମହିଆ ଭଲ ହୋଇଯାଇଛି। ପ୍ରକୃତିର ନାରୀ ଗୁରେଇ ଗଭାରେ ଗୁରେଇ ଫୁଲ ନାଇ କାନ, ହାତ, ନାକରେ ପ୍ରକୃତି କୋଳରୁ ଫୁଲ ଫଳରେ ତା ଢଳ ଢଳ ଦେହଟାକୁ ସଜାଇ ମହିଆ ଛାତିରେ ଲାଗିଯାଉ ଯାଉ ନିଦ ଭାଙ୍ଗିଯାଏ କିନ୍ତୁ ସ୍ୱପ୍ନ ମରେନା। ଆଜି ତାକୁ ନିଦ ନାହିଁ। ରାତି ପାହିଲେ, ଖଜୁରୀ ଗଛରୁ ନୀରା ଠେକି କାଢ଼ି ବାବୁଘରେ ଦେବ, ଆଉ ଅଳ୍ପ ମହିଆକୁ ପିଆଇ ସେବି ପିଇବ। ମହିଆ ନିଶ୍ଚୟ ଭଲ ହୋଇଯିବ।

ନିଦ ଭାଙ୍ଗିଲା ବେଳକୁ ଖରା ପଡିସାରିଥିଲା। ମହିଆ ଶୋଇଥାଏ। ସେ ଦୌଡ଼ିଲା ଖଜୁରୀ ଗଛ ପାଖକୁ। ନୀରା ଠେକି କାଢ଼ି ନାକରେ ମାରିଲା, ତଥାପି ଖରା ତେଜ ଆସିବାକୁ ଢେର ବାକି ତ ଦୌଡ଼ିଲା ବାବୁ ଘରକୁ। ବାବୁ ଘର ଦାଣ୍ଡରେ ଗଦାଏ ଲୋକ, ପଞ୍ଚାଏ ପୋଲିସ। ବାବୁକୁ କିଏ ଉଠେଇ ନେଇଯାଇଛି। କିଏ କହୁଛି ବୀରାପାନ ଭଳି କାଠ ମାଫିଆ ତ କିଏ କହୁଛି ଦସ୍ୟୁ ରାଣୀ କେହି। ମାଆକୁ ଦେଖା କରିବାକୁ ଯିବା ପାଇଁ କେହି ତାକୁ ଛାଡ଼ିନଥିଲେ ଭିତରକୁ ତ ମହିଆ କଥା ଭାବି ଫେରିଆସିଥିଲା ଘରକୁ। ମହିଆ ଦେହ ଟାକୁ ଛୁଇଁ ଚମକି ପଡିଲା ଗୁରେଇ। ଜୀବନ ନଥିଲା ମହିଆର। ପେଟେ ଖଜୁରୀ ମଦ ପିଇ, ଗୁରେଇ ନାଚୁଥିଲା ଖୁବ। ଖୋସାରୁ ଗୁରେଇ ଫୁଲ ଝରିଯିବା ଯାଏଁ। ଅଳସୀ ଫୁଲର କାନ ଝୁମୁକା ଛିଡିଯିବା ପର୍ଯ୍ୟନ୍ତ। ବେକରେ ଅଁଳା ମାଳ ସହ ଗୁରଇର ସେ ଭୟଙ୍କର ରୂପ ଦେଖି, ଏକତରଫା ଗୁରଇକୁ ଭଲ ପାଉଥିବା ପ୍ରେମିକ ସାଧୁଆ ମଧ୍ୟ ସାହାସ ଜୁଟାଇ ପାରୁନଥିଲା ପ୍ରକୃତିର ନାରୀଟିକୁ ଆୟତ୍ତ କରିବାକୁ।

*ସାକ୍ଷୀଗୋପାଳ, ପୁରୀ*
*ଦୂରଭାଷ : ୯୦୪୦୯୭୭୩୨୭*

## ଏମିତି ଏ ବୈଶାଖ

### ନିରଞ୍ଜନ ସାହୁ



ବସନ୍ତ ସରିଲା ଗ୍ରୀଷମ ଆସିଲା
ବଇଶାଖ ମାସ ଆରମ୍ଭ ହେଲା
ପଣା ସଙ୍କରାନ୍ତି ପହିଲି ଦିବସ
ରାଶିଚକ୍ର ମେଷ ସୂଚନା ଦେଲା।

ଉତ୍ତରାୟଣରେ ସୂର୍ଯ୍ୟଙ୍କର ଗତି
ତାପ ଦିନୁଦିନ ଅଧିକ ହେବ
କାଳବଇଶାଖୀ ଅଚାନକ ଆସି
ନିମିଷକେ ସୃଷ୍ଟି ଉଜାଡ଼ି ଦେବ।

ଦିନର ବୟସ ବଢିବଢି ଯିବ
ରାତିର ଆୟୁଷ କମିବ ଜାଣ
ଖରାର ପ୍ରକୋପ ବଢିବଢି ଯିବ
ଅଂଶୁଘାତ କଥା ମନକୁ ଆଣ।

ଖାଇବାକୁ ଭଲ ଲାଗିବ ଏଣିକି
ଆମ୍ବମ୍ବସି ପକା ପଖାଳ ଭାତ
ଶାଗ, ବଡ଼ିଚୁରା, କାକୁଡି, ପିଆଜ
ଆମ୍ବଛେଚା ଥିଲେ ଉଠିବ ହାତ।

ଘୋଳଦହି ,ଲସି , ତୋରାଣି ,ପଇଡ଼
ତରଭୁଜ , ତାଳସଜ ଆଦର
ବାହାରକୁ ଗଲେ ଛତାଜୋତା ସାଥେ
କଳା ଚଷମାଟି ଘେନ ସାଦର।

ନଈ, ପୋଖରୀରେ ଗାଧୁଆ ଚାଲିବ
ବରଗଛ ଛାଇ ଲୋଡ଼ା ହୋଇବ
ପଙ୍ଖା , ଏସି , କୁଲରକୁ ଲଗାଇ
ଆରାମ କରିକି ଟିକେ ଶୋଇବ।

ସୂତା ଲୁଗାଟିର ଆଦର ବଢିବ
ଜଳଛତ୍ର ଖୋଲା ହୋଇବ ପରା
ଦିନ ନଅ ବାଜିଗଲେ ବାପଧନ
ପଦାକୁ ନ ଯିବ ବଢିବ ଖରା।

ଦେହରେ ହୋଇବ ଘିମିରି ସହିତ
ବଥ ,ବ୍ରଣ ଆଦି ଯିବନି ଡରି
ସଞ୍ଜ ଆସିଗଲେ ମଲ୍ଲୀ ବାସ କଲେ
ଜହ୍ନ ଜ୍ୟୋତ୍ସ୍ନା ଦେବ ଆନନ୍ଦ ଭରି।

ଫୁଟିବ ଏକାଳେ ମଲ୍ଲୀ , କୃଷ୍ଣଚୁଡା
ଯୁଇ , କନିଅର , ଟଗର ଫୁଲ
ଫଳିବ କଲରା , କାକୁଡି , ପୋଟଳ
ଜହ୍ନି , ଭେଣ୍ଡି , ବାଇଗଣ ସକଳ।

ପଣା ସଙ୍କରାନ୍ତି , ବୁଦ୍ଧଙ୍କ ପୂର୍ଣ୍ଣିମା
ଅକ୍ଷୟ ତୃତୀୟା , ଚନ୍ଦନ ଯାତ
ଶନିଶ୍ଚର ଯଜ୍ଞ , ସୀତାଙ୍କ ନବମୀ
ହନୁମାନ ଜନ୍ମ ଯୋଡିବା ହାତ।

ଶଙ୍କରାଚାର୍ଯ୍ୟ ଓ ରାମନୁଜଙ୍କର
ଜୟନ୍ତୀ ପାଳନ କରିବା ଆମେ
ଆମ୍ବେଦକରଙ୍କ ଜୟନ୍ତୀ ପାଳିବା
ପରିଚିତ ସମ୍ବିଧାନ ପ୍ରଣେତା ନାମେ।
ବଇଶାଖ ମାସେ ଶୁଖିଯିବ ସିନା
ନଦୀ ,ନାଳ, କୂପ ,ପୋଖରୀ ଆଦି
ସେହି ଜଳ ଆଣି ବରଷା କରିବ
ବରଷି ଯିବ ସେ ଦେଇକି ନାଦି।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ -- ୭୫୯୦୧୬*
*ଦୂରଭାଷ: ୯୯୩୮୭୪୧୫୮୩*

**ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକ; ୧୭ ଲକ୍ଷ ଟଙ୍କାକୁ ନେଇ ହଟ୍ଟଗୋଳ**

# ସାମ୍ବାଦିକମାନଙ୍କୁ ବିଡ଼ିଓଙ୍କ ଦୁର୍ବ୍ୟବହାର

**ଅସ୍ତରଙ୍ଗ :** ଅସ୍ତରଙ୍ଗ ନୂତନ ପଞ୍ଚାୟତ ସମିତି ଗଠନ ହେବାର ୧ ବର୍ଷରୁ ଉର୍ଦ୍ଧ୍ୱ ହୋଇ ଯାଇଥିଲେ ମଧ୍ୟ ଦ୍ୱିତୀୟ ଥର ପାଇଁ ପଞ୍ଚାୟତ ସମିତି ବୈଠକ ସୋମବାର ଦିନ ବ୍ଲକ ଅଧକ୍ଷାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ରୀଡା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା,ସାଂସଦ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟା, ବିଡ଼ିଓ ବେବିତା ମଞ୍ଜରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।୧୫ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ବିଭିନ୍ନ ବିଭାଗର ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଏକ ୧୭ ଲକ୍ଷ ଟଙ୍କା ହଡପକୁ ନେଇ ବିଭିନ୍ନ ସଭ୍ୟ ସଭ୍ୟା ମାନେ ନିୟମ ଅନୁସାରେ କଣ ପାଇଁ ଖର୍ଚ୍ଚ ହୋଇନାହିଁ ବୋଲି ପ୍ରଶ୍ନ କରିବାରୁ ଅଧକ୍ଷାଙ୍କ ସମର୍ଥକ ମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଏହାକୁ ବିଜେଡି ସମର୍ଥିତ ସଭ୍ୟ ମାନେ ପ୍ରତିବାଦ କରିବାରୁ ନୂଆଗଡ ସରପଞ୍ଚ ଚେଆର ଫୋପାଡ଼ି ଟେବୁଲ ବାଡେଇ ଥିଲେ। ଏହି ୧୭ ଟଙ୍କା ବ୍ଲକ ସୌରଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ କରଣ ପାଇଁ ୭ ଲକ୍ଷ ଟଙ୍କା, ମିଶନ ଶକ୍ତି କାଫେ ନିର୍ମାଣ ଓ ଉନ୍ନତି କରଣ ପାଇଁ ୫ ଲକ୍ଷ ଟଙ୍କା ଓ ମିଶନ ଶକ୍ତି କାଫେର ଫର୍ଣ୍ଣିଚର ଏବଂ ପାରିପାର୍ଶ୍ୱିକ ଉନ୍ନତି କରଣ ପାଇଁ ୫ ଲକ୍ଷ ଟଙ୍କା ପୂର୍ବରୁ ପଞ୍ଚାୟତ ସମିତି, ଜିଲ୍ଲାପାଳ ପୁରୀଙ୍କ ଦ୍ୱାରା ଅନୁମୋଦିତ ହୋଇ ରହିଥିଲା। ଉକ୍ତ ଅନୁମୋଦିତ



ଅର୍ଥକୁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ରେ ଖର୍ଚ୍ଚ ନ କରି ଆତ୍ମସାତ କରିବା ଲକ୍ଷ୍ୟରେ ଉକ୍ତ ୧୭ ଲକ୍ଷ ଟଙ୍କାକୁ ବିଡ଼ିଓ ଓ ଅଧକ୍ଷା ଚତୁରତାର ସହିତ ବ୍ଲକ ପରିସରରେ ଫେବର ବ୍ଲକ ବା ଇଟା ଚଟାଣ କାର୍ଯ୍ୟ କରି ସମ୍ପୂର୍ଣ୍ଣ ବିଲ କରି ନେଇଯାଇଥିବା ସରପଞ୍ଚ ସମିତି ସଭ୍ୟ ସଭ୍ୟା ମାନେ ଅଭିଯୋଗ ଆଣିଥିଲେ। ଏହି ୧୭ ଲକ୍ଷ ଟଙ୍କା ପୂର୍ବ ପ୍ରସ୍ତାବିତ ଅନୁମୋଦିତ ହୋଇଥିଲେ ମଧ ତାହା ନ କରି ନୂତନ କାର୍ଯ୍ୟ କରିଥିଲେ ମଧ ତାହା ପଞ୍ଚାୟତ ସମିତି କିମ୍ବା ଜିଲ୍ଲାପାଳଙ୍କ ଅନୁମୋଦନ ନ କରି କିପରି ଖର୍ଚ୍ଚ କରି ବିଲ ନେଇଗଲେ ତାହା ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରିବାକୁ ନିର୍ବାଚିତ ପ୍ରତିନିଧି ମାନେ ଦାବି କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ବର୍ଷକୁ ତିନି ଥର ପଞ୍ଚାୟତ ସମିତି ବୈଠକ ହେବା କଥା।କିନ୍ତୁ ୧ ବର୍ଷ ୧୦ ଦିନ ଅନ୍ତରରେ କେଉଁ ନିୟମ ଅନୁଯାୟୀ ବୈଠକ କରାଗଲା ତାହା କଣ ଏହି ୧୭ ଲକ୍ଷ ଟଙ୍କାକୁ ଆତ୍ମସାତ କରିବା ପାଇଁ ନା ଆଉ କେଉଁ ଉଦେଶ୍ୟ ପାଇଁ ତାହା ସଭ୍ୟ ମାନେ ଅଭିଯୋଗ କରିଥିଲେ। ଉପାଦକ୍ଷ ଦୁର୍ଜୟ ମିଶ୍ର ସମିତି ସଭ୍ୟା ଆରତୀ କାଣ୍ଡିଙ୍କୁ ଗୃହରୁ ବହାରିଯିବାକୁ ଧମକ ଦେଇଥିଲେ। ଏହାର ପ୍ରତିବାଦରେ ୧୪ ଜଣ ସଭ୍ୟ ସଭ୍ୟା ବୈଠକ ଗୃହ ଛାଡି ଚାଲି ଆସିଥିଲେ। ଏହି ଅର୍ଥକୁ ନେଇ ହଟ୍ଟଗୋଳ ପାଟିତୁଣ୍ଡ ଜୋରରେ ହେଲା ବେଳେ ଅସ୍ତରଙ୍ଗର କାର୍ଯ୍ୟରତ ପ୍ରିଣ୍ଟ ଓ ବୈଦ୍ୟୁତିକ୍ ଗଣମାଧ୍ୟମ ସାମ୍ବାଦିକ ମାନେ ଫୋଟୋ ଉଠାଉଥିବା ବେଳେ ବିଡ଼ିଓ ବେବିତା ମଞ୍ଜରୀ ନାୟକ ମନ୍ତ୍ରୀ ଓ ସାଂସଦ ପ୍ରତିନିଧିଙ୍କ ଉପସ୍ଥିତରେ ଦୁର୍ବ୍ୟବହାର କରି ବୈଠକ ଗୃହରୁ ବାହାର କରି ଦେଇଥିଲେ। ଯାହାକୁ ମନ୍ତ୍ରୀ ଓ ସାଂସଦ ପ୍ରତିନିଧି ବିଡ଼ିଓଙ୍କ ଏହି ସାମ୍ବାଦିକଙ୍କ ପ୍ରତି ଅସାମ୍ବିଧାନିକ ମନ୍ତବ୍ୟକୁ ନାପସନ୍ଦ କରିବା ସହିତ ନିନ୍ଦା ମଧ୍ୟ କରିଥିଲେ। ସେ ଜଣେ ଅନଭିଜ୍ଞ ବିଡ଼ିଓ ହୋଇଥିବାରୁ ଅସ୍ତରଙ୍ଗ ବ୍ଲକରେ ଯୋଗ ଦେବା ଦିନ ଠାରୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଦୁର୍ବ୍ୟବହାର କରିଆସୁଛନ୍ତି। ସେ ନିଜକୁ ୫-ଟି ସଚିବଙ୍କ ନିକଟତର କହି ସମସ୍ତଙ୍କୁ ଧମକ ମଧ୍ୟ ଦିଅନ୍ତି। ଏହି ଅର୍ଥ କେଲେଙ୍କାରୀ ଓ କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ଦୁର୍ବ୍ୟବହାର ଘଟଣାକୁ ଗୁରୁତ୍ୱ ଦେଇ ବିଡ଼ିଓଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ମନ୍ତ୍ରୀ, ୫-ଟି ସଚିବ, ପୁରୀ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ରାଜ୍ୟ ବ୍ୟାପି ଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଜିତ ବୈଠକ ପୋଲିସ ଛାଉଣୀରେ ଅନୁଷ୍ଠିତ ହୋଇଥିଲା ଏ ସମ୍ପର୍କରେ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ା କହିଛନ୍ତି ବିଡ଼ିଓ ଓ ବ୍ଲକ ଅଧକ୍ଷା ଙ୍କ ଏଭଳି ମନ୍ତବ୍ୟ ବିରୋଧରେ ଦୃଢ଼ ନିନ୍ଦା କରିବା ସହ ପ୍ରତିବାଦ କରିଥିଲେ ଘଟଣା ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ଜିଲ୍ଲା ଜିଲ୍ଲା ଓ ପ୍ରକଳ୍ପ ନିର୍ଦ୍ଦେଶକ ଅନୁରୋଧ କରିଥିଲେ।

**ଅମଲାଙ୍କ ସାମୁହିକ ଛୁଟି ଓ ଆନ୍ଦୋଳନ**

# ସରକାରୀ ଯୋଜନା ପ୍ରଭାବିତ; ଗରିବ ହିତାଧିକାରୀ ହଟହଟା

**ନବରଙ୍ଗପୁର :** ଜୁନ ମାସ ୧ ତାରିଖରୁ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଜିଲ୍ଲା ସ୍ତରୀୟ ଅମଲା ମାନେ ମିଳିତ ଅମଲା ମଞ୍ଚର ଡାକରାରେ ଛୁଟିରେ ଅଛନ୍ତି। ସରକାରଙ୍କୁ ମିଳିତ ଅମଲା ମଞ୍ଚ ର ଦାବି ଯଥା ଓଆରଏସପି ରୁଲ ୨୦୧୭କୁ କାର୍ଯ୍ୟକାରୀ କରାଯାଉ। ଲେଭେଲ ୪ ରୁ ଲେଭେଲ ୯ ପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ଅମଲାଙ୍କ ମୂଳ ଦରମା ବୃଦ୍ଧି କରିବାକୁ ଦାବି କରିଥିଲେ। ଯାହା ଆଜିକୁ ୧୬ ଦିନ ହେଲା ଜାରୀ ରହିଛି। ସରକାରଙ୍କ ସହିତ ମିଳିତ ମଞ୍ଚର ଦୁଇ ଦୁଇ ଥର ଆଲୋଚନା ବିଫଳ ହୋଇଛି। ରାଜଦାଣ୍ଡରେ ଅମଲା ମାନେ ଏକତ୍ରିତ ହୋଇ ପ୍ରତିବାଦ କରୁଛନ୍ତି। ଅମଲାଙ୍କ ଏଭଳି କାର୍ଯ୍ୟ ବନ୍ଦ କରି ଛୁଟିରେ ରହିବା ଦ୍ୱାରା ହିତାଧିକାରୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ପ୍ରଭାବିତ ହୋଇଛି। ଯାହାର ଜ୍ୱଳନ୍ତ ନମୁନା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟ ସରକାରଙ୍କ ମୋ ଘର ଯୋଜନାରେ ପଡିବାକୁ ଯାଉଛ। ମୋ ଘର ଯୋଜନା ରେ ଋଣ ଆବେଦନ ପାଇଁ ହିତାଧିକାରୀଙ୍କୁ ଆବଶ୍ୟକ କାଗଜ ପତ୍ର ଯଥା, ଆୟ ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟ ଗୁଡିକରୁ ମିଳୁନାହିଁ। କାରଣ ଅମଲା ମାନଙ୍କ ଟେବୁଲ ଖାଲି ପଡିଛି। ରେଡକ୍ରସ୍, ଏକ୍ସ ଗ୍ରାସିଆ ଆଦି ଆର୍ଥିକ କାରବାର, ଜମି ଚିହ୍ନଟ ପ୍ରକ୍ରିୟା ଓ ବିଭାଗୀୟ ଡାକ ଆଦି ତହସିଲ କାର୍ଯ୍ୟାଳୟ ଗୁଡିକରୁ ପ୍ରେରଣ କରାଯାଇ ପାରୁନାହିଁ। ସେହିଭଳି ବ୍ଲକ କାର୍ଯ୍ୟାଳୟ ଗୁଡିକରେ ଆର୍ଥିକ ବର୍ଷ ୨୦୨୩ ନିମନ୍ତେ ଅନୁମୋଦିତ ବିଭିନ୍ନ ଯୋଜନାର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅମଲାଙ୍କ ଅନୁପସ୍ଥିତି ଯୋଗୁଁ ପ୍ରକଳ୍ପ ନଥିପତ୍ର ତିଆରି, କାର୍ଯ୍ୟାଳୟ ଆଦେଶ, ନୂତନ ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ, ଚେକ ବୁକ ଓ ଆର୍ଥିକ କାରବାର, ଡାକ, ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ସହାୟତା ପାଇଁ ଅନଲାଇନ ଆବେଦନ କାର୍ଯ୍ୟ ବ୍ଲକ କାର୍ଯ୍ୟାଳୟରେ ହୋଇ ପାରୁନଥିବା ଜଣାପଡିଛି। ଠିକାଦାର ମାନେ କାର୍ଯ୍ୟକରି ପାଉଣା ପାଉ ନଥିବାରୁ ଶ୍ରମିକ ଓ ନିର୍ମାଣ ସାମଗ୍ରୀ ଯୋଗାଇ ଦେଉଥିବା ବ୍ୟକ୍ତି ବିଶେଷଙ୍କ ରୋଷର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପଞ୍ଜିକରଣ, ପ୍ରୋତ୍ସାହନ ରାଶି ପ୍ରଦାନରେ ବାଧାପ୍ରାପ୍ତ ହୋଇଛି। ବିଦ୍ୟାଳୟ ଖୋଲିବାକୁ ଆଉ ଅଳ୍ପଦିନ ଥିବା ବେଳେ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ଗୁଡ଼ିକ ନିମନ୍ତେ ଶିକ୍ଷା ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୃଷି ବିଭାଗ, ସମ୍ମନିତ ଶିଶୁ ବିକାଶ ବିଭାଗ ସମଦଶାରେ ଥିବା ଜଣାପଡିଛି। ଦୂର ଦୁରନ୍ତରୁ ଗରିବ ହିତାଧିକାରୀ ବିଭିନ୍ନ କାର୍ଯ୍ୟପାଇଁ ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି କିନ୍ତୁ ଅମଲା ମାନେ ଛୁଟିରେ ଥିବା କହି ଅଧିକାରୀ ମାନେ ଫେରାଇ ଦେଉଛନ୍ତି। ଫଳତଃ ଅମଲାଙ୍କ ସମୁହ ଛୁଟି ଆନ୍ଦୋଳନରେ ହିତାଧିକାରୀଙ୍କ ସମେତ ସରକାରଙ୍କ ସରକାରୀ ଯୋଜନା ପ୍ରଭାବିତ ହୋଇଛି। ରାଜ୍ୟରେ ସମୁଦାୟ ପ୍ରାୟ ୩୦ ହଜାରରୁ ରୁ ଉର୍ଦ୍ଧ ଅମଲା ଆନ୍ଦୋଳନ ରତ ରହି ସରକାର ଓ ହିତାଧିକାରୀଙ୍କୁ ହରଡଘଣାରେ ରଖିଛନ୍ତି। ତେଣୁ ସରକାର ଆମର ଦାବି ମାନି ନିଅନ୍ତୁ ଅନ୍ୟଥା ଆଗକୁ ଏଭଳି ପ୍ରତିବାଦ ଜାରି ରହିବ ବୋଲି କହିଛନ୍ତି ଜିଲ୍ଲା ସ୍ତରୀୟ ଅମଲା ମାନେ ନିଜ ଜିଦରେ ଅଟଳ ଅଛନ୍ତି। ସରକାର ଓ ଅମଲାଙ୍କ ଜିଦ୍ ରେ ଗରିବ ଶ୍ରେଣୀର ଲୋକେ ପ୍ରଭାବିତ ହେଉଥିବାରୁ ଦୁଇ ପକ୍ଷ ଆପୋଷ ଆଲୋଚନା କରି କୌଣସି ନିଷ୍କର୍ଷ ବାହାର କରିବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅମଲାଙ୍କ ...

ପରିଚାଳନା ପାଇଁ ବିକଳ୍ପ ବ୍ୟବସ୍ଥା ଥାଏ। ଯାହା ସଭିଏଁ ଅଳ୍ପ ବହୁତେ ଜାଣିଛେ। ତେବେ ଅମଲା ଷ୍ଟ୍ରାଇକ୍‌ରେ ଏଯାଏଁ କିଛି ବିକଳ୍ପ ବ୍ୟବସ୍ଥା ବିଷୟରେ ଚିନ୍ତା କରାଯାଇନାହିଁ କାହିଁକି ? ଆବଶ୍ୟକ ଓ ଜରୁରୀକାଳୀନ ସେବା ପାଇଁ ଅମଲାଙ୍କ ଅନୁପସ୍ଥିତିରେ ସରକାରୀ ଅଧିକାରୀମାନେ କାମ ତୁଲାଇଥିଲେ କିଛି ଅସୁବିଧା ହେବନି ବୋଧହୁଏ ? ଅମଲାମାନଙ୍କ ଷ୍ଟ୍ରାଇକ୍ ଯୋଗୁଁ ଯେଉଁ କୋଟି କୋଟି ଟଙ୍କାର ସରକାରୀ କ୍ଷତି ହେଉଛି, ତାହା କିଏ ଭରଣା କରିବ ଏବଂ ଏହା କାହାର ଭୁଲ ବୋଲି ବିବେଚନା କରାଯିବ। ଗତ ଜୁନ୍ ୨ ତାରିଖରେ ସରକାରୀ ଓ ଅମଲା ସଂଘ ମଧ୍ୟରେ ଏକଦଫା ଦାବି ଉପରେ ଆଲୋଚନା ହୋଇଥିଲା। ତା'ଉପରେ ଆଜି ପର୍ଯ୍ୟନ୍ତ ସକରାତ୍ମକ ନିଷ୍କର୍ସ ବାହାରିନାହିଁ। ପ୍ରକୃତରେ ସରକାର ଏହାର ସମାଧାନ ଜାଣନ୍ତି ନାହିଁ, ନା ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ଆନ୍ତରିକତା ନାହିଁ। ଏବେ ସରକାର ସମୀକ୍ଷା କରନ୍ତୁ, ଓଡ଼ିଶା ସର୍ଭିସ୍ ରେଗୁଲେସନ ଆକ୍ଟ ଅନୁସାରେ ଜଣେ କର୍ମଚାରୀ ଏକକାଳୀନ କେତେଦିନ ଛୁଟିରେ ଯାଇପାରିବେ ଏବଂ ଏଥିପାଇଁ ଅନୁମତିଦାତା କିଏ ? ଯଦି ଦରଖାସ୍ତ କିମ୍ବା ଅନୁମତି ନାହିଁ, ତେବେ ଏଭଳି ଅନିର୍ଦ୍ଦିଷ୍ଟ କାଳ ଛୁଟି କେମିତି ଓ କିଭଳି ନୀତି ସଙ୍ଗତ ?

ଏସବୁ ଭିତରେ କଷ୍ଟ ପାଉଛନ୍ତି କେବଳ ସାଧାରଣ ଜନତା। ତେଣୁ ଆଉ ଅଧିକ ସମୟ ଏହି ଆନ୍ଦୋଳନକୁ ନଟାଣି ଉଭୟ ସରକାର ଓ ଅମଲାମାନେ, ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଆଖିରେ ରଖି, ଏକ ସକରାତ୍ମକ ସମାଧାନ କରି ସରକାରୀ ଅଫିସ ସ୍ତରରେ ଅଚଳାବସ୍ଥାକୁ ଦୂର କରି ଏକ ସୁସ୍ଥ ଓ ସଶକ୍ତ ଓଡ଼ିଶା ଗଠନରେ ସହଭାଗୀ ହୁଅନ୍ତୁ।

### କେବେ ସୁଧୁରିବ ...

ପାଇଁ ବିଗତ ୩୦ ବର୍ଷ ଭିତରେ ୩୭ ହଜାର କୋଟି ଏବଂ ଗତ ୧୦ ବର୍ଷରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ୧୩ ହଜାର କୋଟି ରାଜ୍ୟ ଦେଇଥିବା ବେଳେ, ୭ ହଜାର କୋଟି ଆସିଛି କେନ୍ଦ୍ରରୁ। ଏହି ବିପୁଳ ଅର୍ଥକୁ ବାତ୍ୟା ପ୍ରତିରୋଧୀ ବିଦ୍ୟୁତ ଖୁଣ୍ଟ ଲଗାଇବା, ସମସ୍ତ ପୁରୁଣା ଟ୍ରାନ୍ସଫର୍ମର ବଦଳାଇବା, ପୁରୁଣା ତାର ବଦଳାଇବା ସହିତ ଭୂତଳ କେବଲିଂ ବାବଦରେ ଖର୍ଚ୍ଚ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ କୁଆଡ଼େ ଗଲା ଏସବୁ ଯୋଜନା ? କେଉଁଠି ଖର୍ଚ୍ଚ ହେଲା କୋଟି କୋଟି ଟଙ୍କା ? ବିଭିନ୍ନ ସମୟରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱରେ ଥିବା କମ୍ପାନୀଙ୍କୁ ରାଜ୍ୟ ସରକାର ଭିତ୍ତିଭୂମି ସଜାଡ଼ିବା ବାବଦରେ ୨୦ ହଜାର କୋଟି ଟଙ୍କା ଦେଇଛନ୍ତି। ଟାଟା ପାୱାର ଏହି ଦାୟିତ୍ୱ ନେବା ପରେ କମ୍ପାନୀକୁ ପର୍ଯ୍ୟାୟ କ୍ରମେ ୫ ହଜାର କୋଟି ଟଙ୍କା ଦିଆଯାଇଛି। ପ୍ରଶ୍ନ ଉଠୁଛି, ପୂର୍ବରୁ ଭିତ୍ତିଭୂମି ବାବଦରେ ଯେଉଁ ୧୫ ହଜାର କୋଟି ଦିଆଯାଇଥିଲା ତା'ର ହିସାବ କେଉଁଠି ? ଏଥିରେ ଭିତ୍ତିଭୂମିରେ କ'ଣ ବିକାଶ ହୋଇଛି ? ଶକ୍ତି ସମୀକ୍ଷକଙ୍କ କହିବା ଅନୁସାରେ, ଯଦି ବାସ୍ତବରେ ଏତେ ଟଙ୍କା ଖର୍ଚ୍ଚ ହୋଇଥାନ୍ତା ଏବଂ ଏହାକୁ ସତ୍ ଉପାୟରେ ବିନିଯୋଗ କରାଯାଆନ୍ତା, ତେବେ ଉପଭୋକ୍ତା ଉପକୃତ ହୋଇଥାନ୍ତେ।

### ଭକ୍ତଙ୍କ ସହ ...

ବେଳକୁ ବହୁ ସଂଖ୍ୟକ କୁଡୁଆରେ ଅନ୍ନ, ଡାଲି, ବେସର, ମହୁର, ଖଟା ପ୍ରଭୃତି ପ୍ରସ୍ତୁତ ହୋଇ ପଶି ସାରିଥିବା ବେଳେ ଆହୁରି ଅନେକ କୁଡୁଆରେ ଭାତ, ଡାଲି, ସାଦାବେସର, ମହୁର ପ୍ରଭୃତି ପ୍ରସ୍ତୁତ କରିବାକୁ ରୋଷେୟା ଓ ଯୋଗାଣିଆ କାମରେ ଲାଗିଥିଲେ। ଟପ୍ ଓ କରେଇରେ ରୋଷେଇ କରାଯିବା ପରେ ଏହାକୁ କୁଡୁଆରେ ପ୍ୟାକ୍ କରାଯାଉଥିଲା। ପରେ କୁଡୁଆକୁ କୋଇଲା ଆଞ୍ଚ ଉପରେ ରଖାଯାଇ ଏହାକୁ ଅସଲି ରୂପ ଦେବାକୁ ସବୁ ପ୍ରୟାଶ କରାଯାଉଥିଲା। ଯେପରି ଲୋକଙ୍କୁ ଲାଗିବ ଏହା ସତ ମହାପ୍ରସାଦ। ଏହି ମଠରେ ବହୁ ସଂଖ୍ୟକ କୁଡୁଆ, ନଡ଼ିଆ, ଚାଉଳ, ପନିପରିବା ପ୍ରଭୃତି ମହଜୁଦ୍ ଥିବା ଦେଖିବାକୁ ମିଳୁଥିବାରୁ ଏହି ସ୍ଥାନକୁ ଏକ ନକଲି ମହାପ୍ରସାଦ ବିକ୍ରି ଓ ଯୋଗାଣ ଆଡ୍ଡାରେ ପରିଣତ କରାଯାଇଥିବା ଜଳଜଳ ଦିଶୁଛି। ଅବିକଳ ମହାପ୍ରସାଦ ଭଳି ଏହାକୁ କାହିଁକି କୁଡୁଆରେ ରଖାଯାଉଛି ଓ କେଉଁ ଉଦ୍ଦେଶ୍ୟରେ, କାହାକୁ ପଠାଯାଉଛି ବୋଲି ପ୍ରଶ୍ନ କରିବାରୁ ରୋଷେୟା, ଯୋଗାଣିଆ ସମେତ କାମ କରୁଥିବା ଲୋକମାନେ ଘଟଣାସ୍ଥଳରୁ ଛୁ ମାରିଥିଲେ। ତେବେ ଏଭଳି ଘଟଣାକୁ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ସେବାୟତ ନିନ୍ଦା କରିଛନ୍ତି। ଲୋକଙ୍କ ଭାବାବେଗକୁ ଏଭଳି ଆଘାତ କରିବା ଆଦୌ ଠିକ୍ ନୁହେଁ ବୋଲି ସେମାନେ ମତ ଦେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅଣସର ଚାଲିଥିବା ବେଳେ ମନ୍ଦିରରେ ମହାପ୍ରସାଦ ମିଳୁ ନ ଥିବା ଭକ୍ତ ମାନଙ୍କୁ କୁହାଯାଉଛି। ଅନେକ ଭକ୍ତ ଏ ନେଇ କିଛି ଜାଣି ନ ଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି କିଛି ଅସାଧୁ ବ୍ୟକ୍ତି। କିଛି ଅସାଧୁ ସେବାୟତଙ୍କ ସହ ମିଶି ବାହାରେ ଅନ୍ନ, ଡାଲି, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରି ବିକ୍ରି ପାଇଁ ବ୍ୟବସ୍ଥା କରିଥିବା ଅଭିଯୋଗ କରିଛନ୍ତି।

### ରାଜ୍ୟରେ ଆରମ୍ଭ ...

ଦେଶରେ ଏପରି ବ୍ୟବସ୍ଥା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି କାମରେ ପରିବହନ ବିଭାଗ ଉଡ଼ାରେ ହେଲିକପ୍ଟର ଆଣି ନିୟୋଜିତ କରିବ ଏବଂ ସଡ଼କ ସୁରକ୍ଷା ପାଣ୍ଠିରୁ ଏହି ଖର୍ଚ୍ଚ ଭରଣା କରାଯିବ। ଏ ନେଇ ପ୍ରାରମ୍ଭିକ ଆଲୋଚନା କରାଯାଇ ରଣନୀତି ପ୍ରସ୍ତୁତି ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଆହତଙ୍କୁ ସୁବର୍ଣ୍ଣ ମୁହୂର୍ତ୍ତ ମଧ୍ୟରେ ଡାକ୍ତରଖାନାରେ ପହଞ୍ଚାଇବା ଜରୁରୀ। ଏଥିପାଇଁ ପରିବହନ ବିଭାଗ ଏକାଧିକ ପଦକ୍ଷେପ ନେଇଛି। ବିଭିନ୍ନ ଘରୋଇ ଏବଂ ସରକାରୀ ଡାକ୍ତରଖାନାରେ ଟ୍ରମା କେୟାର ସେଣ୍ଟର ସ୍ଥାପନ କରାଯାଇଛି। ଉଭୟ ସରକାରୀ ଏବଂ ଘରୋଇ ଆମ୍ବୁଲାନ୍ସରେ ଆହତଙ୍କ ପରିବହନ ବ୍ୟବସ୍ଥା କରାଯାଇଛି। ତେବେ ସଡ଼କ ପଥରେ ରୋଗୀଙ୍କୁ ନେବା କାମରେ ବେଶି ସମୟ ଯାଉଛି। ଟ୍ରାଫିକ୍ ଜାମ୍ ହେତୁ ନିର୍ଦ୍ଧାରିତ ସମୟ ଭିତରେ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ସମ୍ଭବ ହେଉନାହିଁ। ଏମିତିରେ ବି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ଓଡ଼ିଶାର ପଦର୍ଶନ ଭଲ ନାହିଁ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏଚ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିଷ୍ପତି ହୋଇଛି। ପର୍ଯ୍ୟାୟକ୍ରମେ ସମଗ୍ର ରାଜ୍ୟରେ ହେଲିକପ୍ଟରରେ ଆହତଙ୍କ ପରିବହନ ଆରମ୍ଭ କରାଯିବ। ଗତ ମାର୍ଚ୍ଚ ମାସରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଲକ୍ଷ୍ମୀ ଯୋଜନା କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଟ୍ରମା କେୟାର ସେଣ୍ଟରରେ ପହଞ୍ଚାଇବା ପାଇଁ ହେଲିକପ୍ଟର ସେବା ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ରୋଗୀଙ୍କ ଆନ୍ତଃରାଜ୍ୟ ପରିବହନ ଲକ୍ଷ୍ୟରେ ଛୋଟ ବିମାନ ସେବା ଆରମ୍ଭ କରିବା ପାଇଁ ଯୋଜନା ହୋଇଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଏୟାରଷ୍ଟ୍ରିପ୍ର ଉପଯୋଗ କରାଯିବ। ଏଥିପାଇଁ ସମ୍ପୃକ୍ତ ଏୟାରଷ୍ଟ୍ରିପ୍‌କୁ ନନ୍ ସିଡ୍ୟୁଲ ଅପରେସନ୍ ପରମିଟ୍ (ଏନ୍‌ଏସ୍‌ଓପି) ଜାରି କରାଯିବ। ଛୋଟ ବିମାନ ରାଜଧାନୀକୁ ଦୁର୍ଗମାଞ୍ଚଳ ସହିତ ଯୋଡ଼ିବ। ଭାରତ ସରକାରଙ୍କ ଉଡ଼ାନ୍ ଯୋଜନା ଅନୁରୂପ ବିମାନ କମ୍ପାନୀଙ୍କ କ୍ଷତିଭରଣା ପାଇଁ ସରକାର କ୍ଷତିପୂରଣ ପ୍ରଦାନ କରିବେ। ଲକ୍ଷ୍ମୀ ଯୋଜନା ଅଧୀନରେ ଏଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ। ରାଜ୍ୟରେ ଏବେ ୫ଟି ବିମାନବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ଚଳିତ ବର୍ଷ ଆଉ ୩ଟି ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ ହେବାର ସମ୍ଭାବନା ଅଛି। ସେହିପରି ଆଉ ୨/୩ଟି ଏୟାରଷ୍ଟ୍ରିପର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି। ଏପରିସ୍ଥଳେ ହେଲିକପ୍ଟର ଏବଂ ଛୋଟ ବିମାନରେ ରୋଗୀ ପରିବହନ ପାଇଁ ସେଗୁଡ଼ିକ ବ୍ୟବହାର ହୋଇପାରିବ ବୋଲି କୁହାଯାଇଛି।

### ଅନ୍ଧକାରରେ ...

ଡିପିଆର ଏବଂ ନକ୍ସା ପ୍ରସ୍ତୁତିରେ କାମ ଅଟକିଛି। ପ୍ରଥମେ ଗୋପାଳପୁର ବଦଳରେ ଖୋର୍ଦ୍ଧାରୁ କାମ ଆରମ୍ଭ ପାଇଁ ନିଷ୍ପତ୍ତି ହେଲା। ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇ ଟାଙ୍ଗୀର ରାମେଶ୍ୱର ଠାରୁ ରତନପୁର ପର୍ଯ୍ୟନ୍ତ ନକ୍ସା ପ୍ରସ୍ତୁତ ହେଲା। ଟାଙ୍ଗିରୁ ଉପକୂଳ ରାଜପଥ ବାହାରି ଚିଲିକା, ବ୍ରହ୍ମଗିରି, ପୁରୀ, କୋଣାର୍କ, ଅସ୍ତରଙ୍ଗ, ନାଉଗାଁ, ପାରାଦ୍ୱୀପ, ରତନପୁର, ସାତଭାୟା, ଧାମରା, ତାଳପଦ, ଚାନ୍ଦିପୁର, ଚନ୍ଦନେଶ୍ୱର ଦେଇ ଦୀଘା ପର୍ଯ୍ୟନ୍ତ ଲମ୍ବିବ ବୋଲି ଚୂଡ଼ାନ୍ତ ହେଲା। ଡିଜାଇନ୍‌ରେ ପରିବର୍ତ୍ତନ ପରେ ଏହାର ଲମ୍ବର ୩୮୨ କିମିକୁ ହ୍ରାସ ପାଇଛି। ନୂଆ ନକ୍ସାରେ ଚିଲିକା, ବାଲୁଖଣ୍ଡ, ଭିତରକନିକା ଆଦିକୁ ବାଦ୍ ଦିଆଗଲା। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଗତବର୍ଷ ନଭେମ୍ବର ମାସରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପତ୍ର ଲେଖି କମ୍ପିଟେଣ୍ଟ ଅଥରିଟି ଫର୍ ଲ୍ୟାଣ୍ଡ ଏକ୍ୟୁଜିସନ୍ (ସିଏଏଲ୍ଏ) ଗଠନ ପାଇଁ କୁହାଯାଇଥିଲା। ହେଲେ ବିଭିନ୍ନ କାରଣ ପାଇଁ ଏହା ପରଠାରୁ ଆଉ କାମ ଆଗେଇ ପାରି ନାହିଁ। ଏବେ ସୁଦ୍ଧା କାକଟପୁରରୁ ଜଗତସିଂହପୁର ପର୍ଯ୍ୟନ୍ତ ଫେଜ୍-୩କୁ ବାଦ୍ ଦେଇ ଅନ୍ୟ ଫେଜ୍‌ରେ କାମ ଆରମ୍ଭ ପାଇଁ ଟେଣ୍ଡର କରାଯାଇଛି। କିନ୍ତୁ ଟେଣ୍ଡର ପ୍ରକ୍ରିୟା ପରେ କାମ ଆଗକୁ ବଢ଼ି ପାରୁ ନାହିଁ। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ଅନୁମୋଦନ ମିଳିବା ସମ୍ପୂର୍ଣ୍ଣ ହୋଇ ନାହିଁ। ଫଳରେ ପ୍ରକଳ୍ପ ବ୍ୟୟବରାଦ ୭୫୦୦ କୋଟିରୁ ବୃଦ୍ଧି ପାଇ ୧୦ ହଜାର କୋଟିରେ ପହଞ୍ଚିଲାଣି। ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରିଛନ୍ତି, ସମସ୍ୟା ସମାଧାନର ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ଏହା ସତ୍ତ୍ୱେ ପ୍ରକଳ୍ପ ନେଇ ଅଗ୍ରଗତି ହୋଇପାରୁ ନାହିଁ।

### 'ମାନବ ସମାଜର ...

ଚାଳିତ ପାଣିପମ୍ପ ବ୍ୟବହାର କରୁଛନ୍ତି ତାହାର ଉଦାହରଣ ମଧ୍ୟ ସେ ଦେଇଥିଲେ। ସୌର ଶକ୍ତିର ଉତ୍ପାଦନ,କୃଷି କାର୍ଯ୍ୟରେ ତାହାର ବ୍ୟବହାର, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପଯୋଗ, ଲାଭଜନକ ଫସଲ ଚାଷ ଓ ଉନ୍ନତ କୃଷି ପ୍ରଣାଳୀର ଉପଯୋଗ, ଫସଲରେ ନ୍ୟୁଟ୍ରିଏଣ୍ଟ ସିଞ୍ଚନ ଏବଂ ଫସଲର ସ୍ଥିତି ଦେଖିବାକୁ ଡ୍ରୋନର ବ୍ୟବହାର ଭାରତୀୟ ଚାଷୀ କିପରି କରୁଛନ୍ତି ତାହାର ସେ ଉଦାହରଣ ଦେଇଥିଲେ। ଏହି ସମ୍ମିଶ୍ରଣବାଦୀ ଆଭିମୁଖ୍ୟ(ଫ୍ୟୁଜନ ଆପ୍ରୋଚ) କୃଷି କ୍ଷେତ୍ରରେ ଅନେକ ସମସ୍ୟାର ସମାଧାନ କରିପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ୨୦୨୩ ବର୍ଷଟିକୁ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବେ ପାଳନ କରାଯାଉଛି। ହାଇଦରାବାଦରେ ଜି-୨୦ର ପ୍ରତିନିଧିମାନେ ସେମାନଙ୍କ ଖାଇବା ଟେବୁଲରେ ଏଭଳି ମିଲେଟ ବା ଶ୍ରୀଅନ୍ନ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ପାଇବେ ଓ ଏହାର ସ୍ୱାଦ ପରଖିବେ। ଶ୍ରୀଅନ୍ନ ଏକ ସୁପରଫୁଡ ବା ପରମ ଖାଦ୍ୟ ଏବଂ ଏହା ମଣିଷକୁ ସୁସ୍ଥ ସବଳ ରଖିବା ସହିତ ଚାଷୀର ଆୟ ବୃଦ୍ଧିରେ ସହାୟକ ହୋଇଥାଏ। ଏହି ଶ୍ରୀଅନ୍ନ ବା ମିଲେଟ ଅନୁର୍ବର ଜମିରେ ଖୁବ୍ କମ୍ ପାଣିରେ ଏବଂ ବିନା ସାର ଓ କୀଟନାଶକ ବ୍ୟବହାରରେ ଉତ୍ପାଦିତ ହୋଇଥାଏ। ଏଥିରେ ପରିଶ୍ରମ କମ୍, ଉତ୍ପାଦନ ଓ ଲାଭ ଅଧିକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଶ୍ରୀଅନ୍ନର ଇତିହାସ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି କିସମର ଫସଲ ହଜାର ହଜାର ବର୍ଷ ଧରି ଚାଷ ହୋଇଆସୁଛି। ମାତ୍ର ବଜାର ଓ ବିକ୍ରିବଟାର ପ୍ରଭାବ ଯୋଗୁଁ ପାରମ୍ପରିକ ଭାବେ ଉତ୍ପାଦିତ ଏହି ମିଲେଟ୍ସର ମୂଲ୍ୟ ହଜି ଯାଇଛି। ତେଣୁ ଆସନ୍ତୁ ସମସ୍ତେ ପୁନର୍ବାର ଏହି ଶ୍ରୀଅନ୍ନକୁ ଆମର ପସନ୍ଦର ଖାଦ୍ୟ ଭାବେ ଗ୍ରହଣ କରିବା ବୋଲି ସେ ଆହ୍ୱାନ ଦେଇଥିଲେ। ସେ ଆହୁରି କହିଥିଲେ ଯେ ଭାରତ ଏକ ମିଲେଟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରୁଛି। ଏହା ଗୋଟିଏ ଉତ୍କର୍ଷ କେନ୍ଦ୍ରଭାବେ କାମ କରିବ। ଏହି କେନ୍ଦ୍ର ମିଲେଟ୍ସର ଉନ୍ନତ ଚାଷ, ଉତ୍ପାଦନ ବୃଦ୍ଧି, ସଂରକ୍ଷଣ, ଟେକ୍ ?ନୋଲୋଜି ପ୍ରୟୋଗ ଆଦି ସଂକ୍ରାନ୍ତ ଶ୍ରେଷ୍ଠ ନୀତିକୁ ବିଭିନ୍ନ ଦେଶକୁ ଯୋଗାଇ ଦେବ। ବିଶ୍ୱର ଖାଦ୍ୟ ନିରାପତ୍ତା କିପରି ସୁରକ୍ଷିତ ହୋଇପାରିବ ସେ ଦିଗରେ ମିଳିତ ଭାବେ ଚିନ୍ତାକରି କାମ କରିବାକୁ ସେ ଜି-୨୦ କୃଷି ମନ୍ତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଏକ ନିରନ୍ତର, ପୋଷଣୀୟ, ସମାବେଶୀ ଖାଦ୍ୟ ବ୍ୟବସ୍ଥା ତିଆରି କରି ସେଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଆହୁରି ମଧ୍ୟ ବିଶ୍ୱର ସାର ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସର୍ବୋପରି ଚାଷରେ ମୃତ୍ତିକାର ସ୍ୱାସ୍ଥ୍ୟକୁ ବଢାଇବା ଫସଲର ସ୍ୱାସ୍ଥ୍ୟକୁ ବୃଦ୍ଧି କରିବା ସହିତ ଉତ୍ପାଦକତା ବଢାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ହେଉଥିବା ପାରମ୍ପରିକ ରୀତିର ଚାଷ ହୁଏତ ଏକ ବିକଳ୍ପ ପୁନଃ ଉତ୍ପାଦନକ୍ଷମ ବିକଳ୍ପ କୃଷି ପଦ୍ଧତି ବିକାଶରେ ସହାୟକ ହୋଇପାରେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଇନୋଭେସନ ଓ ଡିଜିଟାଲ ଟେକ୍‌ନୋଲୋଜି ସାହାଯ୍ୟରେ ଚାଷୀମାନଙ୍କୁ ସଶକ୍ତ କରାଯିବା ଆବଶ୍ୟକ।

### 'ରତ୍ନଭଣ୍ଡାର ...

ଧନରତ୍ନ ଥିଲା ତାହା ଦେଖିବା ଉଚିତ୍। ତାହାର ଗଣତି କରାଯିବା ଉଚିତ୍। ୧୯୭୮ରେ ସେ ଆଇନମନ୍ତ୍ରୀ ଥିବା ବେଳେ ରତ୍ନଭଣ୍ଡାର ଖୋଲି ଗଣତି କରାଯାଇଥିଲା। ଏହାପରେ ଯଦି ଅଳଙ୍କାର ନେଇ କୌଣସି ପ୍ରଶ୍ନ ଉଠେ, ତେବେ ତାହା ଉପରେ ପଦକ୍ଷେପ ନିଆଯାଇ ଗଣତି ହେବା କଥା। ରତ୍ନ ଭଣ୍ଡାରରେ ଯାହା ସବୁ ସଂରକ୍ଷିତ ଥିଲା ତାହା ସଂରକ୍ଷିତ ଅଛି ନା ନାହିଁ ଦେଖିବା ଉଚିତ୍। ତାହାକୁ ଦେଖିବାରେ କୌଣସି ଅସୁବିଧା ନାହିଁ। ତାହାକୁ ଦେଖିବା ଆବଶ୍ୟକ। ଏନେଇ ଆଇନରେ ବ୍ୟବସ୍ଥା ମଧ୍ୟ ଅଛି। କାରଣ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ଓ ଏହି ରତ୍ନଭଣ୍ଡାରକୁ ନେଇ ସମସ୍ତେ ଗର୍ବିତ। ଭିତର ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଓ ମରାମତି ନେଇ ସେ କହିଛନ୍ତି, ଏଏସ୍ଆଇ ଏହାର ମରାମତି ତୁରନ୍ତ କରିବା ଉଚିତ୍। ଶ୍ରୀମନ୍ଦିର ପରିଚାଳନା କମିଟି ମଧ୍ୟ ଭିତର ରତ୍ନଭଣ୍ଡାର ମରାମତି ଦିଗରେ ପଦକ୍ଷେପ ନେବା ଉଚିତ୍। ମାତ୍ର ଏନେଇ କାହିଁକି ପଦକ୍ଷେପ ନିଆଯାଉନାହିଁ ତାହା ଜଣାନାହିଁ ବୋଲି ଶ୍ରୀ ହରିଚନ୍ଦନ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଛନ୍ତି। ଛତିଶଗଡ ରାଜ୍ୟପାଳଙ୍କ ଦାବି ପରେ ରାଜ୍ୟ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ରତ୍ନଭଣ୍ଡାର ସଂପର୍କିତ ମାମଲା ଏବେ ନ୍ୟାୟାଳୟରେ ବିଚାରଧୀନ ରହିଛି। ତେଣୁ ଏହି ପ୍ରସଙ୍ଗରେ ବିଚାରବିମର୍ଶ କରିବା ଠିକ ହେବ ନାହିଁ।

### ଭିଜିଲାନ୍ସ ...

ବ୍ଲକ ପରିସରରେ ସଦ୍ୟତମ ଭାବେ ୧୭ ଲକ୍ଷ ଟଙ୍କାର ଫେବର ବ୍ଲକ କାର୍ଯ୍ୟ କରାଯାଇ ଟଙ୍କା ହଡପ କରାଯାଇଥିବା ଘଟଣାକୁ ନେଇ ଗତ ସୋମବାର ଦିନ ପଞ୍ଚାୟତ ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇ ଚେଆର ଫିଙ୍ଗା ଫିଙ୍ଗି ହୋଇ ରଣକ୍ଷେତ୍ର ପାଲଟିଥିଲା।ଦୁର୍ନୀତି ପରେ ଦୁର୍ନୀତି ହୋଇ ଚାଲିଥିଲା ବେଳେ ବ୍ଲକ ପ୍ରଶାସନିକ ଅଧିକାରୀ କଣ ପାଇଁ ନୀରବତା ଅବଲମ୍ବନ କରୁଛନ୍ତି ତାହା ପଞ୍ଚାୟତ ବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ତାଙ୍କ ଜ୍ଞାତ ସାରରେ ହେଉଛି ନା ଜାଣିଶୁଣି ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି ତାହା ସାଧାରଣରେ ବିଭିନ୍ନ କଥା ଇଙ୍ଗିତ କରୁଛି।ଏହି ସବୁ ପ୍ରାୟୋଜିତ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ ଭିଜିଲାନ୍ସ ବିଭାଗ ପକ୍ଷରୁ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିପାରନ୍ତା ବୋଲି ପଞ୍ଚାୟତ ବାସୀ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀମାନେ କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା, ମୁଖ୍ୟ ଶାସନ ସଚିବ,୫ ଟି ସଚିବ, ପୁରୀ ଜିଲ୍ଲାପାଳ,ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖଙ୍କୁ ଲିଖିତ ଭାବେ ଟୁଇଟ କରିଛନ୍ତି। କାର୍ଯ୍ୟର ଦେୟ ବ୍ଲକ ପକ୍ଷରୁ ବନ୍ଦ କରା ନ ଗଲେ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବ୍ଲକ ବିଜେଡି ସଭାପତି କେଦାର ନାଥ ବିଶ୍ୱାଳ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇପାରି ନ ଥିଲା।

**ରଥ ଯାତ୍ରାରେ ହେବ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ**

# ଭାଗ ନେବେ ୧୦୦ରୁ ଉର୍ଦ୍ଧ୍ୱ ଶିଶୁ ଚିତ୍ରଶିଳ୍ପୀ

**ଭୁବନେଶ୍ୱର :** ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ବ୍ୟଥିତା ଧରଣୀ। ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ଛାତ୍ରଛାତ୍ରୀ ମାନଙ୍କର ଗ୍ରୀଷ୍ମ ଅବକାଶ ପ୍ରାୟ ସରି ଆସିଲାଣି। କୋମଳମତି ଛାତ୍ରଛାତ୍ରୀମାନଙ୍କର କଳାତ୍ମକ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ପ୍ରୟାସ ନେଇ ଭୁବନେଶ୍ୱର ସ୍ଥିତ ଶିଶୁ ଚିତ୍ରଶିଳ୍ପୀଙ୍କ ଅଗ୍ରଣୀ ଅନୁଷ୍ଠାନ 'ଛବିଘର' ପକ୍ଷରୁ ଆଦ୍ୟ ଆଷାଢ଼ର ପର୍ବ ରଥଯାତ୍ରା ଅବସରରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ। ଏହି ପ୍ରଦର୍ଶନୀରେ ଭୁବନେଶ୍ୱର ସମେତ ଆମ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ବିଦ୍ୟାଳୟର ଶହସ୍ରାଧିକ ଶିଶୁ ଚିତ୍ରଶିଳ୍ପୀଙ୍କ ସ୍ୱଚିତ୍ରିତ ଚିତ୍ର ସମୂହ ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦାସ୍ଥିତ 'ଛବିଘର'ର ନିଜସ୍ୱ ପ୍ରଦର୍ଶନୀ କକ୍ଷରେ ପ୍ରଦର୍ଶିତ ହେବ। ଏହି ପ୍ରଦର୍ଶନୀ ଆସନ୍ତା ୨୦ ତାରିଖ ପବିତ୍ର ରଥଯାତ୍ରା ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷ ତଥା ବରିଷ୍ଠ ଚିତ୍ରଶିଳ୍ପୀଙ୍କ କରକମଳରେ ଦିନ ୧୦ ଘଟିକା ସମୟରେ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଚିତ୍ରଶିଳ୍ପୀ ଅତସୀ ବସୁ ଜେନା ସୂଚନା ଦେଇଛନ୍ତି। ଏହି ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଏକ ମାସବ୍ୟାପି ପ୍ରତ୍ୟହ ଅପରାହ୍ନ ୪ଟା ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶିଶୁ ଚିତ୍ରଶିଳ୍ପୀମାନଙ୍କ ପାଇଁ ଖୋଲା ରହିବ ଏବଂ ଏହି ସମୟ ଅବଧି ମଧ୍ୟରେ ଚିତ୍ରଶିଳ୍ପୀ, କଳାନୁରାଗି, ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ପ୍ରଦର୍ଶନୀକୁ ଦେଖିବା ସହ ଶିଶୁ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁରୋଧ। ପ୍ରକାଶ ଥାଉକି ଦୀର୍ଘ ୨୫ ବର୍ଷ ଧରି ଶିଶୁ ଚିତ୍ରଶିଳ୍ପୀଙ୍କ ଚିତ୍ରକଳାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଥିବା ଅନୁଷ୍ଠାନ 'ଛବିଘର' ମହାମାରୀ କରୋନା ସମୟରେ ଆଭାସି ମାଧ୍ୟମରେ ବିଭିନ୍ନ ଚିତ୍ରକଳା ସମ୍ବନ୍ଧୀୟ ପ୍ରତିଯୋଗିତା, ଆଲୋଚନାଚକ୍ର, କର୍ମଶାଳା କରି ଶିଶୁ ଚିତ୍ରଶିଳ୍ପୀଙ୍କ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରି ଏକ ଅଗ୍ରଣୀ ତଥା ଏକମାତ୍ର ପ୍ରମୁଖ ଶିଶୁଚିତ୍ରଶିଳ୍ପୀ ଅନୁଷ୍ଠାନ ଭାବେ ପରିଚିତ ହୋଇ ପାରିଛି।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ଅସ୍ତରଙ୍ଗ:** ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାର ନାଥ ବିଶ୍ୱାଳଙ୍କ ବାପା କେଳୁ ଚରଣ ବିଶ୍ୱାଳଙ୍କର ୯୪ ବର୍ଷ ବୟସରେ ଗୁରୁବାର ଦିନ ଅପରାହ୍ନରେ ନଇଗୁଆଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ।ସେ ନଇଗୁଆଁ ପଞ୍ଚାୟତରୁ ୪ ଥର ସରପଞ୍ଚ ହୋଇଥିଲେ।ତାଙ୍କ ସମୟରେ ସେ ବହୁ ଜନହିତକର କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ମୃତ୍ୟୁ ଖବର ପାଇ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ, ସାଂସଦ ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ,ବରିଷ୍ଠ ବିଜେଡି ନେତା କୁଞ୍ଜ ବିହାରୀ ପ୍ରଧାନ, ସମସ୍ତ ସରପଞ୍ଚ ସମିତି ସଭ୍ୟ ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟା, ପୂର୍ବତନ ବ୍ଲକ ଉପାଦକ୍ଷା ମିନତୀ ସ୍ୱାଇଁ, ସ୍ୱପନେଶ୍ୱର ସାହୁ, ଚକ୍ରଧର ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ସୁଶାନ୍ତ ତ୍ରିପାଠୀ, ଜୟନ୍ତ ତ୍ରିପାଠୀ, ବିଜେଡି ନେତା ପ୍ରତାପ ପରିଡ଼ା, ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ା ପ୍ରମୁଖ ବୁଦ୍ଧିଜୀବି, ରାଜନେତା, ସାମ୍ବାଦିକ ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ତାଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଦେଇଥିଲେ। ସ୍ୱର୍ଗତ କେଳୁ ବାବୁଙ୍କ ମୃତ୍ୟୁ ଖବର ପାଇ ମନ୍ତ୍ରୀ ଶ୍ରୀ ନାୟକ ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। କେଳୁ ବିଶ୍ୱାଳଙ୍କ ମୃତ୍ୟୁରେ ତାଳଦା ସମେତ ସମଗ୍ର ୧୫ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଶେଷ ଦର୍ଶନ ପାଇଁ ବାସଭବନରେ ପ୍ରବଳ ଭିଡ ଲାଗିଥିଲା।

# ଏବିଭିପିର ଚାରିଦିନିଆ ଅଭ୍ୟାସ ବର୍ଗ ଉଦ୍‌ଯାପିତ




**ନବରଙ୍ଗପୁର :** ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପି ର ଚାରି ଦିନିଆ ପ୍ରାନ୍ତ ଅଭ୍ୟାସ ବର୍ଗ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ବର୍ଗରେ ୧୪ ଜିଲ୍ଲାରୁ ପ୍ରତ୍ୟେକ ମହାବିଦ୍ୟାଳୟ ପରିସରରୁ ୨୫୩ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏହି ବର୍ଗକୁ ପରିଷଦର ରଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ ଉଦଘାଟନ କରିଥିଲେ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ମାନନୀୟ ଗୋବିନ୍ଦ ନାୟକ ଉପସ୍ଥିତ ରହି ୧୯୪୯ରେ ସୃଷ୍ଟି ହୋଇଥିବା ଛାତ୍ର ସଙ୍ଗଠନ ଆଜି ଜନ ସଂଗଠନ ଭାବେ ଠିଆ ହୋଇଥିବା କହିଥିଲେ। ତୃତୀୟ ଦିନରେ ମାନନୀୟ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଆଶିଷ ଚୌହାନ ସମୂହ କାର୍ଯ୍ୟକର୍ତ୍ତା ବିକାଶ ଓ ନିୟୋଜନ ବିଷୟରେ ବିଦ୍ୟାର୍ଥୀ ଙ୍କ ଆଗରେ ବକ୍ତବ୍ୟ ରଖିଥିଲେ। କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଅପାଙ୍ଗସୁ ଶେଖର ସିଲ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ,ରାଜ୍ୟ ସଂଗଠନ ସମ୍ପାଦକ ବୈଳଚନ ସାହୁ, ରାଜ୍ୟ ସମ୍ପାଦକ, ବ୍ୟବସ୍ଥା ପ୍ରମୁଖ ପ୍ରଦୀପ ତ୍ରିପାଠୀ, ସହ ପ୍ରମୁଖ ଦୀପାଞ୍ଜଳି ଦାସ ରାଜ୍ୟ ସହ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ଆଗମୀ ୨୦୨୩-୨୪ ପାଇଁ ନୂତନ ଦାୟିତ୍ୱ ଦାୟିତ୍ୱ ଘୋଷଣା ପରେ ବର୍ଗ ସମାପନ ହୋଇଥିଲା।

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଓଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳ । ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ୍ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,*
*ସଂପର୍କ: ୮୮୯୫୧୪୧୭୨୭*





# ଆମ ଗଣ ପର୍ବ-ରଜ



ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ,ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି। ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୌଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି। କଥାରେ ଅଛି- 'ବାର ମାସରେ ତେର ପର୍ବ',ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ। ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି। ଏଣୁ କର୍ମ କ୍ଳାନ୍ତ ଜୀବନକୁ ହାଲ୍କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷି ପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି। ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ। ଓଡିଶାର ଗଣ ପର୍ବ ରୁପେ ରଜ ପର୍ବ ସର୍ବତ୍ର ପାଳିତ ହୁଏ।

ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ। କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତିୟ ଦିନ ଶେଷ ରଜ ବା ଭୁମି ଦହନ ନାମରେ ପରିଚିତ। ଶେଷ ରଜର ପରବର୍ତି ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୁର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ। ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ। ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା। କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ। ରଜରେ ପିଠା ପଣାର ସୁଅ ଛୁଟେ। ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଂଟି ଓଡିଆ ପର୍ବ। ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ। ରଜ ଦୋଳି ରଜ ପର୍ବର ବିଶେଷ ଆକର୍ଷଣ। ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ।

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସୁଛି ରଜ ଲୋ
ଘେନି ନୂଆ ସଜବାଜ"

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍, ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ। ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ। ବର୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍ ମାନ ଅନୁଷ୍ଠିତ ହୋଇଥାଏ।ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ। ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ। ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି। କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି।



ରଜ ପର୍ବରେ ଭୂମିକୁ ସ୍ୱର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପଟୁକାରେ ଯୋତା ତିଆରି କରି ପରିଧାନ କରନ୍ତି। ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି। ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ। କାରଣ- ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି। ଯେପରି ରଜସ୍ୱଳା ନାରୀକୁ ସ୍ୱର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନରେ ସ୍ୱର୍ଶ କରିବା ଅନୁଚିତ୍। ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ। ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ। ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତବ୍ୟ ସୂଚାଇ ଦେଇଥାଏ।





ରଜ ଓଡିଶାରେ ଏକ ପ୍ରଧାନ ଗଣ ପର୍ବ। ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ। ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ। ବାହ୍ୟ ଆଡମ୍ବର ଅପେକ୍ଷା ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତ ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*



## କୋଡ଼ିଏ ଏକର ଜାଗାରେ ବିଏମ୍‌ସି ନିର୍ମାଣ କରିବ ଗୋଶାଳା

# ଗୋରୁଙ୍କୁ ମିଳିବ ଅତ୍ୟାଧୁନିକ ସେବା

**ଭୁବନେଶ୍ୱର :** ଜାମୁକୋଳିରେ ନିର୍ମାଣ ହେବ ଅତ୍ୟାଧୁନିକ ଗୋମଙ୍ଗଳ କେନ୍ଦ୍ର। ଏହି ଗୋମଙ୍ଗଳ କେନ୍ଦ୍ରରେ ପାଖାପାଖି ୨ ହଜାର ଗୋରୁ ରହିବାର ବ୍ୟବସ୍ଥା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଗୋରୁମାନଙ୍କ ରହଣି ପାଇଁ ଶେଡ୍ ନିର୍ମାଣ ସହ ସେମାନଙ୍କୁ ଗାଧୁଆ, ଖାଦ୍ୟ ପାନୀୟ ସହିତ ଡାକ୍ତରୀ ଚିକିତ୍ସା ଯୋଗାଇ ଦେଇ ଦେଶର ଏକ ସ୍ୱତନ୍ତ୍ର ଗୋଶାଳା ନିର୍ମାଣ କରାଯିବ। ଏନେଇ ବିଏମ୍‌ସି ଅତିରିକ୍ତ କମିସନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନେତୃତ୍ୱରେ ଏକ ଟିମ୍ ବେଙ୍ଗାଲୁରୁ ସ୍ଥିତି ଶ୍ରୀ ଶ୍ରୀ ରବି ଶଙ୍କର ପ୍ରସାଦଙ୍କ ଶ୍ରୀ ଶ୍ରୀ ଗୌଶାଳା ପରିଦର୍ଶନ କରିଥିବା ବେଳେ ସେଠାରୁ ସକରାତ୍ମକ ଅଭିଜ୍ଞତା ନେଇ ଫେରିଛନ୍ତି। ସେଠାରେ କିପରି ଗୋରୁମାନଙ୍କ ଯତ୍ନ ନିଆଯାଉଛି ତାହା ଏହି ଟିମ୍ ଦେଖିଛନ୍ତି। ସେଠାରୁ ଗୋରୁମାନଙ୍କ କୁଣ୍ଡରେ ସ୍ୱୟଂଚାଳିତ ଭାବେ ପାଣି ଓ ତୋରାଣି ଦିଆଯାଉଥିବା ବେଳେ ଖାଦ୍ୟ ମଧ୍ୟ ସମାନ ଢାଞ୍ଚାରେ ଦିଆଯାଉଛି। ଏହା ସହିତ ଗୋବରକୁ କୌଣସି ଲୋକ ନ ଉଠାଇ ଏହା ସ୍ୱୟଂଚାଳିତ ମେସିନ ସହାୟତାରେ ସଂଗ୍ରହ କରାଯାଉଛି। ଏହି ବ୍ୟବସ୍ଥାକୁ ଆପଣାଇ ଭୁବନେଶ୍ୱରରେ କିପରି ନୂଆ ଗୋଶାଳା ନିର୍ମାଣ କରାଯାଇପାରିବ ଏହି ଟିମ୍ କମିସନରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ। ଏହାପରେ ଗୋଶାଳା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ସେହିପରି ଏଠାରୁ ବାହାରୁ ଥିବା ଗୋବରକୁ ବ୍ୟବହାର କରି ଏକ ଗୋବର ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅନ୍ୟ ସମସ୍ତ ସେବା ଉପଲବ୍ଧ କରାଇବାକୁ ଯୋଜନା ହୋଇଛି। ଏମିତି କି ଆବଶ୍ୟକ ପଡ଼ିଲେ ଶ୍ରୀ ଶ୍ରୀ ରବିଶଙ୍କର ପ୍ରସାଦଙ୍କ ସଂସ୍ଥାକୁ ଏହି ଗୋଶାଳା ପରିଚାଳନା ଦାୟିତ୍ୱ ଦେବାକୁ ମଧ୍ୟ ବିଏମ୍‌ସି ଯୋଜନା କରୁଥିବା ଜଣାପଡ଼ିଛି। ଗତ ୨୦୧୮ ମସିହା ହକି ବିଶ୍ୱକପ୍ ସମୟରେ ୫.୫ ଏକର ଜାଗାରେ ବିଏମ୍‌ସି ପକ୍ଷରୁ ଜାମୁକୋଳିରେ ଏକ ଗୋଶାଳା କରାଯାଇଛି। ବର୍ତ୍ତମାନ ଏଠାରେ ଗାଈ ଗୋରୁଙ୍କୁ ଆବଶ୍ୟକ ସ୍ଥାନ ଅଭାବ ହେଉଥିବାରୁ ଭୁବନେଶ୍ୱରରୁ ବୁଲା ଗାଈ ଗୋରୁ ନେଇ ବିଏମ୍‌ସି ଜଟଣୀ ଓ ପୁରୀ ଆଦି ଗୋଶାଳାରେ ରଖୁଛି। ତେଣୁ ଆଉ ଏକ ନୂଆ ଗୋଶାଳା ପାଇଁ ବର୍ତ୍ତମାନ ଆବଶ୍ୟକତା ରହିଛି। ଅନ୍ୟପଟେ ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ '୫-ଟି' ସଚିବ ଭିକେ ପାଣ୍ଡିଆନ୍ ଏହି ଗୋଶାଳା ପରିଦର୍ଶନ କରି ଏହାର ସ୍ଥିତି ଦେଖିଥିଲେ ଓ ଏହା ନିକଟରେ ୨୦.୫ ଏକର ଜାଗାରେ ଏକ ନୂଆ ଗୋଶାଳା ନିର୍ମାଣ ପାଇଁ ଅନୁମତି ଦେଇଥିଲେ। ଏହାକୁ ଆଧାର କରି ବିଏମସି ପକ୍ଷରୁ ଗୋଶାଳା ନିର୍ମାଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଜାମୁକୋଳିରେ ଥିବା ଗୋଶାଳାରେ ବର୍ତ୍ତମାନ ପାଖାପାଖି ୯୦୦ ଗାଈ ଗୋରୁ ଅଛନ୍ତି। ସହରର ବୁଲା ଗାଈ ଗୋରୁମାନଙ୍କୁ ନିଆଯାଇ ଏଠାରେ ରଖାଯାଇଛି। ଗାଈ ଗୋରୁଙ୍କ ବିଚରଣ ଯୋଗୁଁ ଉଭୟ ଦିନ ଏବଂ ରାତିରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥାଏ। ଏହି ଦୁର୍ଘଟଣା ରୋକିବା ସହ ରାଜଧାନୀରେ ଲୋକଙ୍କ ଗମନାଗମନକୁ ଶୃଙ୍ଖଳିତ କରିବାକୁ ଗୋଶାଳା ନିର୍ମାଣ କରାଯାଇଛି। ସେହିପରି ଗାଈ ଗୋରୁଙ୍କ ରାସ୍ତାରେ ବୁଲିବା ବାରଣ କରିବା ସହ ଏହାକୁ ବେଆଇନ୍ ଘୋଷଣା କରାଯାଇଛି। ଏଥିପାଇଁ ଲୋକମାନଙ୍କୁ ଗାଈ ଗୋରୁଙ୍କୁ ରାସ୍ତାକୁ ନ ଛାଡ଼ିବାକୁ ପୂର୍ବରୁ ବିଏମସି ପରାମର୍ଶ ଦେଇଛି।

# ସାରା ବିଶ୍ୱ ଦେଖିବ ହକି କ୍ରେଜ୍

## ୨୦୨୪ ଡିସେମ୍ବରରେ ଫେରିବ ହକି ଇଣ୍ଡିଆ ଲିଗ୍



**ଭୁବନେଶ୍ୱର:** ସାରା ବିଶ୍ୱ ଦେଖିବ ହକି କ୍ରେଜ୍। କଳିଙ୍ଗରେ ପୁଣି ହେବ ଗୋଲ ବର୍ଷା। କମ୍ପିବ ଷ୍ଟାଡିୟମ, ଝୁମିବେ ଦର୍ଶକ। କଳିଙ୍ଗ ଷ୍ଟାଡ଼ିୟମ ସହ ବିର୍ସାମୁଣ୍ଡା ଷ୍ଟାଡ଼ିୟମରେ ଦେଖିବାକୁ ମିଳିବ ହକି କ୍ରେଜ୍। ୨୦୧୭ ପରେ ପୁଣିଥରେ ଭାରତରେ ଖେଳାଯିବ ହକି ଇଣ୍ଡିଆ ଲିଗ୍। ୨୦୨୪ ଡିସେମ୍ବରରେ ଖେଳାଯିବ ହକି ଇଣ୍ଡିଆ ଲିଗ୍। ଏଫ୍ଆଇଏଚ୍‌କୁ ଏଚ୍ଆଇଏଲ୍‌ର କାର୍ଯ୍ୟସୂଚୀ ହକି ଇଣ୍ଡିଆ ପକ୍ଷରୁ ପ୍ରଦାନ କରାଯାଇଛି। ଏଫ୍ଆଇଏଚ୍ ମଧ୍ୟ ଗ୍ରୀନ ସିଗ୍ନାଲ ଦେଇଛି। ଆସନ୍ତାବର୍ଷ ଏଫ୍ଆଇଏଚ୍ କାର୍ଯ୍ୟସୂଚୀରେ ହକି ଇଣ୍ଡିଆ ଲିଗ୍ ସ୍ଥାନ ପାଇବାକୁ ଯାଉଛି। ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ୫ ବର୍ଷ ଧରି ଏଚଆଇଏଲ ଖେଳାଯାଇଥିବାବେଳେ ଏକାଠି ହୋଇଥିଲେ ବିଶ୍ୱର ତାରକା ଖେଳାଳି। ଏହି ଲିଗ୍ ଭାରତୀୟ ହକିର ବିକାଶର ଯାତ୍ରାର ଭାଗୀଦାରି ହୋଇଥିଲା। ଅନେକ ଯୁବ ପ୍ରତିଭା ଲିଗରେ ନିଜର ପ୍ରଦର୍ଶନ ଦେଇ ଚୟନକର୍ତ୍ତାଙ୍କୁ ଆକୃଷ୍ଟ କରିଥିଲେ। ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେଲେ ଦେଶର ଅନେକ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ବିଶ୍ୱର ବଡ଼ ବଡ଼ ତାରକା କଳିଙ୍ଗରେ ଦେଖାଇବେ ହକି ଷ୍ଟିକର ଯାଦୁ। ସାରା ଦେଶରେ ହକିର ମାହୋଲ ଦେଖିବାକୁ ମିଳିବ। ବିଶ୍ୱର ବଡ଼ ବଡ଼ ତାରକା କଳିଙ୍ଗରେ ଦେଖାଇବେ ହକି ଷ୍ଟିକର ଯାଦୁ। କଳିଙ୍ଗ ଲାନସର୍ସ ଭଳି ଓଡ଼ିଶାରୁ ଏକ ଟିମ୍ ମଧ୍ୟ ରହିବ। ଯାହା ରାଜ୍ୟ ସରକାରଙ୍କ ଦ୍ୱାରା କିଣାଯିବ। ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ୫ ବର୍ଷ ଧରି ଏଚଆଇଏଲ୍ ଖେଳାଯାଇଥିବା ବେଳେ ୨୦୧୭ରେ କଳିଙ୍ଗ ଲାନସର୍ସ ଚାମ୍ପିୟନ ହୋଇଥିଲା।

# ୨୦୨୪ରେ ନିର୍ବାଚନ ଲଢ଼ିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ଅଶ୍ୱିନୀ



**ଭୁବନେଶ୍ୱର :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେଉଁଠୁ ନିର୍ବାଚନ ଲଢିବେ? ତାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଉଭୟ ଓଡ଼ିଶାରୁ ନିର୍ବାଚନ ଲଢ଼ିବେ ବୋଲି ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେପି ଜୋରଦାର ପ୍ରସ୍ତୁତି କରୁଛି। ଦଳର ୧୮ ଜଣ ରାଜ୍ୟସଭା ସାଂସଦ ନିର୍ବାଚନ ଲଢିବେ। ଯେଉଁଥିରେ ୧୨ ଜଣ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ଯାହାକୁ ନେଇ ସରଗରମ ହୋଇଛି ରାଜନୀତି। ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ କିମ୍ବା ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ଲଢିପାରନ୍ତି ବୋଲି ନେଇ ଚର୍ଚ୍ଚା ହେଉଛି। ସେହିପରି ଓଡ଼ିଶା କୋଟାରୁ ରାଜ୍ୟସଭା ଯାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ନିର୍ବାଚନ ଲଢିବା ନେଇ ଚର୍ଚ୍ଚା ହେଉଛି। ସେ ବାଲେଶ୍ୱର କିମ୍ବା କଟକ ଲୋକସଭା ଆସନରୁ ନିର୍ବାଚନ ଲଢିବା ନେଇ କଳ୍ପନାଜଳ୍ପନା ଲାଗି ରହିଛି। ତେବେ ଦଳର ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ନିର୍ବାଚନ ଲଢିବେ।

# ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ମାଲକାନଗିରି :** ଗଣମାଧ୍ୟମ ପ୍ରତିନିଧି ମାନେ ସାଧାରଣ ଜନତାଙ୍କ ପ୍ରକୃତ ସେବକ। ଦୈନନ୍ଦିନ ଖବର ପ୍ରଚାର ପ୍ରସାର କରି ପ୍ରଶାସନକୁ ଜନସାଧାରଣଙ୍କ ମୌଳିକ ସମସ୍ୟା ଗୁଡିକ ଅବଗତ କରାଇଥାନ୍ତି। ଯାହାଫଳରେ ପ୍ରଶାସନ କିମ୍ବା ସରକାରଙ୍କ ଅଗୋଚରରେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହୋଇ ନଥାଏ ତାହା ତୁରନ୍ତ କାର୍ଯ୍ୟକାରୀ କରାଯାଇ ସମସ୍ୟାର ସମାଧାନ ହୋଇଥାଏ। ମାଥିଲି ବ୍ଲକ ସଦର ମହକୁମା ଠାରେ ଉତ୍କଳ ସାମ୍ବାଦିକ ସଂଘ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଭିତି ପ୍ରସ୍ତର ପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗ ଦେଇଥଇଲା ବେଳେ, ରାଜ୍ୟ ଆଦିବାସୀସମାଜ ସମ୍ପାଦକ ହଳଧର ପୁଜାରି, ମାଥିଲି ସରପଞ୍ଚ କାନାମରାଜୁ ନାୟକ, ବିଶିଷ୍ଟ ସମାଜସେବୀ ଦଶରଥ ସଗରିଆ, ମାଥିଲି ବ୍ଲକ ବିଜେଡି ସଭାପତି ବନ୍ଧୁ ମୁଦୁଲି, ସମାଜସେବୀ ଏମ୍. ମୋହନ ରାଓ, ଏନ୍. ମହେଶ୍ୱର ରାଓ, ସୁନାଧର ପୁଜାରୀ, ଯୋଗ ଦେଇଥିଲେ। ଭୂମି ପୁଜାର୍ଚ୍ଚନା ପରେ ଶ୍ରୀ ବାକା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ମଞ୍ଚାସୀନ ଅତିଥି ମାନେ ମାଥିଲି ପରି ଏକ ଅନୁସୂଚିତ ଜାତି ଜନଜାତି ବହୁଳ ବ୍ଲକରେ କାର୍ଯ୍ୟାଳୟ ସ୍ଥାପନ କଲେ ଏହି ଅଞ୍ଚଳର ବିକାଶର ସଫଳତା ଆଗକୁ ବଢି ପାରିବା ସାଧାରଣ ଜନତା ନିଜର ବିଭିନ୍ନ ସମସ୍ୟା ଏହି ଗଣମାଧ୍ୟମ କାର୍ଯ୍ୟାଳୟରେ ଜଣାଇଲେ ତାହା ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ଲୋକ ଲୋଚନକୁ ଆସିବା ସହ ପ୍ରଶାସନ ତତ୍ପର ହୋଇ ସମସ୍ୟାର ସମାଧାନ କରିବେ। ଏଣୁ ମାଥିଲି ଅଞ୍ଚଳବାସୀ, ସମସ୍ତ ବୁଦ୍ଧିଜୀବୀ ବିଭିନ୍ନ ସଂଗଠନ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣରେ ସହ ଯୋଗ କରିବେ ବୋଲି ଅଧ୍ୟକ୍ଷ ଶ୍ରୀ ବାକା ପ୍ରକାଶ କରିଥିଲେ। ଯଦି ଗଣମାଧ୍ୟମରେ ମାଓ ପ୍ରବଣ ତୁଳସୀ ପାହାଡ ଖବର ପ୍ରସାରଣ ହୋଇ ନଥାନ୍ତା, କିମ୍ବା ମୁଦୁଲିପଡା ବଣ୍ଡାଘାଟିର ବିଭିନ୍ନ ସମସ୍ୟା ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇ ପାରି ନଥାନ୍ତା ସେହି ଅଞ୍ଚଳକୁ ଆଜି ରାସ୍ତା ଓ ଅନ୍ୟାନ୍ୟ ବିକାଶ ମଧ୍ୟ ହୋଇ ପାରିନଥାନ୍ତା। ଏହା କେବଳ ଗଣମାଧ୍ୟମ ଦ୍ୱାରା ସମ୍ଭବ ହୋଇ ପରିଛି। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିବଦତ ସାହୁ, କୋଷାଧ୍ୟକ୍ଷ ହୃଷିକେଶ ସେଠି, ପୂର୍ବତନ ସଭାପତି ମନୋଜ ମହାନ୍ତି, ଉପଦେଷ୍ଟା ପ୍ରଭାକର ସୁନା, ମାଣିକ ବାଛାଡଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ସଂଘର ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କା ର୍ଯ୍ୟକାରୀ କମିଟି ସଦସ୍ୟ ଭଗବାନ ସାହୁ, ଅଜିତ କୁମାର ସଗରିଆ, ବାସୁଦେବ ଜେନା, ଶ୍ୟାମ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଅଶୋକ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'କନ୍ଧମାଳ ପର୍ଯ୍ୟଟନର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ କରାଯିବ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି ଏବଂ ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ଶୁଣିବା ସହିତ ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି। ଶ୍ରୀ ପାଣ୍ଡିଆନ ପ୍ରଥମେ ଖଜୁରିଆପଡା ବ୍ଲକସ୍ଥିତ ମା ବରାଳଦେବୀ ମନ୍ଦିର ପରିଦର୍ଶନ କରି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ମନ୍ଦିରର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଏଥିପାଇଁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବା ପାଇଁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫୁଲବାଣୀରେ ନିର୍ମାଣାଧୀନ ବସ ଷ୍ଟାଣ୍ଡ ପ୍ରକଳ୍ପ ପରିଦର୍ଶନକରି ଏହାର ନିର୍ମାଣ କାମ ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ଭିତ୍ତିଭୂମିର ଉପଯୁକ୍ତ ନିର୍ମାଣ ଉପରେ ଶ୍ରୀ ପାଣ୍ଡିଆନ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ୫.୨୯ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସମସ୍ତ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୫ଟି ସଚିବ ଶ୍ରୀ ପାଣ୍ଡିଆନ ଫୁଲବାଣୀ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ସାଧାରଣ ଜନତା, ନାଗରିକ ସମାଜ ଓ ବିଭିନ୍ନ ସଂଘର ପ୍ରତିନିଧିମାନଙ୍କ ସହିତ ଜିଲ୍ଲାର ସାମଗ୍ରୀକ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କନ୍ଧମାଳରେ ପର୍ଯ୍ୟଟନର ବିକାଶ ପାଇଁ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାରେ ପର୍ଯ୍ୟଟନର ସାମଗ୍ରିକ ବିକାଶ ପାଇଁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନିଜର ଅଭିଭାଷଣ ରଖି ୫ଟି ସଚିବ ଶ୍ରୀ ପାଣ୍ଡିଆନ କହିଥିଲେ ଯେ କନ୍ଧମାଳରେ ଏକ ଅତ୍ୟାଧୁନିକ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣ କରାଯାଉଛି। ଏହାର କାମ ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ସରିବ ବୋଲି ସେ କହିଥିଲେ। ଏକ ହଜାର କୋଟି ଟଙ୍କାରେ ନିର୍ମିତ ଏହି କଲେଜ ଓ ହସ୍ପିଟାଲ ଦ୍ୱାରା କନ୍ଧମାଳ ଓ ଆଖପାଖ ଜିଲ୍ଲାର ଲୋକମାନେ ଉନ୍ନତମାନର ଚିକିତ୍ସା ପାଇପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ କନ୍ଧମାଳ ଜିଲ୍ଲାରେ ଲୋକଙ୍କୁ ଭଲ ପିଇବା ପାଣି ଯୋଗାଇ ଦେବା ପାଇଁ ୪୯୯.୯୧ କୋଟି ଟଙ୍କାରେ ଏକ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ବୌଦ୍ଧ ଜିଲ୍ଲାରେ ପ୍ରବାହିତ ମହାନଦୀରୁ ପାଇପ ଯୋଗେ ପାଣି ଅଣାଯିବ। ଏହା ଦ୍ୱାରା ଫୁଲବାଣୀ, ଖଜୁରିଆପଡା, ଫିରିଙ୍ଗିଆ ଓ ଚକାପାଦ ଆଦି ବ୍ଲକ ଅଞ୍ଚଳର ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ପାଇପ ଯୋଗେ ପାଇ ପାରିବେ। ଫୁଲବାଣୀ ରିଜର୍ଭ ପୋଲିସ୍ ପଡିଆରେ ସେ ଜିଲ୍ଲାର କଲେଜ ଛାତ୍ରଛାତ୍ରୀମାନଙ୍କୁ ଭେଟିଥିଲେ। ୫ଟି ସଚିବ କହିଥିଲେ ଯେ ଜିଲ୍ଲାର ସମସ୍ତ ୩୬ଟି ଶିକ୍ଷାନୁଷ୍ଠାନକୁ ୫ଟି ରୂପାନ୍ତର କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଛି ଏବଂ ଏସବୁଗୁଡ଼ିକର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଏଥିପାଇଁ ୧୮.୭୫ କୋଟି ଟଙ୍କା ବିନିଯୋଗ କରାଯିବ । ଜିଲ୍ଲାର ୧୧ଟି ଡିଗ୍ରୀ କଲେଜ ପାଇଁ ୭.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୨୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୧୧.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ୨୩,୭୭୭ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। କାର୍ଯ୍ୟଗୁଡ଼ିକର ନିୟମିତ ସମୀକ୍ଷା କରି ଠିକ୍ ସମୟରେ କାର୍ଯ୍ୟ ଶେଷ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫୁଲବାଣୀ ଜିଲ୍ଲାର ଅଭିଷେକ ପଡିଆରେ ମିଶନ ଶକ୍ତି ସଦସ୍ୟା, ବ୍ୟାଙ୍କ ମିତ୍ର ଏବଂ ଅନ୍ୟାନ୍ୟ ପ୍ରତିନିଧିମାନଙ୍କ ସହିତ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସମାଜର ପରିବର୍ତ୍ତନ ଓ ମହିଳା ସଶକ୍ତିକରଣ ଦିଗରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଏକ ବଳିଷ୍ଠ ପ୍ଲାଟଫର୍ମ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ମିଶନ ଶକ୍ତି ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରି ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ କ୍ରୀଡା ସଚିବ ଭିନିଲ୍ କ୍ରୀଷ୍ଣା ଓ ଜିଲ୍ଲାପାଳ ଉପସ୍ଥିତ ଥିଲେ।




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


# ରାଜସ୍ୱ ବିଭାଗରୁ ହଟିବ ୭୦ ବର୍ଷୀୟା ପୁରୁଣା ନିୟମ



**ଭୁବନେଶ୍ୱର :** ସମୟ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ବଢ଼ିଛି, କାର୍ଯ୍ୟ ପରିସର ମଧ୍ୟ ବଢ଼ିଛି। ତେବେ ଅନେକ ପୁରୁଣା ନୀତି ନିୟମ ସେବା ଯୋଗାଇବାରେ ବାଧକ ସାଜିଛି। ତେଣୁ ୭୦/୮୦ ବର୍ଷ ତଳର ଏହି ନିୟମରେ ସଂଶୋଧନ କରିବା ପାଇଁ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ତାହା କ୍ୟାବିନେଟ୍‌ର ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ରାଜସ୍ୱ ବିଭାଗରେ ଏବେ ବି ବହୁ ପୁରୁଣା କାଳିଆ ନିୟମ ପ୍ରଚଳିତ ହେଉଛି। ତେବେ ସାମ୍ପ୍ରତିକ ସମୟରେ ଜନସେବା ଯୋଗାଇବାରେ ପୁରୁଣା ନିୟମ ବାଧା ସୃଷ୍ଟି କରୁଛନ୍ତି। ବାସଚ୍ୟୁତଙ୍କ ସମସ୍ୟା ହେଉ ଅବା ଗଞ୍ଜାମରେ ଜମି ପଟ୍ଟା ପ୍ରଦାନ, ଚୌଦ୍ୱାରରେ ଶ୍ରମିକଙ୍କ ସମସ୍ୟା ଭଳି ୮/୧୦ଟି ପ୍ରମୁଖ ସମସ୍ୟା ରହିଛି। ଏସବୁ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରୁଛି ରାଜସ୍ୱ ବିଭାଗ। ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ସମସ୍ୟା ବିଭାଗ ପାଇଁ ଗୋଟିଏ ଗୋଟିଏ ଦୂରାରୋଗ୍ୟ ବ୍ୟାଧି ସଦୃଶ ହୋଇଛି। ସ୍ୱାଧୀନତା ପରଠାରୁ ସମସ୍ୟା ଲାଗି ରହିଛି। ଜନକଲ୍ୟାଣ ପାଇଁ ସରକାର ପଦକ୍ଷେପ ନେବାକୁ ଚାହୁଁଥିଲେ ସୁଦ୍ଧା ପୁରୁଣା ନିୟମ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିୟମରେ ସଂଶୋଧନର ଆବଶ୍ୟକତା ଦେଖା ଦେଇଛି। ସେହିପରି ଆଉ କିଛି ନିୟମ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ଜରୁରୀ ହୋଇପଡ଼ିଛି। ତେଣୁ ବିଭାଗ ଏ ନେଇ ବିହିତ ପଦକ୍ଷେପ ନେଇଛି। ଏସବୁ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ ଏବଂ ପରେ ରାଜ୍ୟ କ୍ୟାବିନେଟ୍ର ମଞ୍ଜୁରୀ ନିମନ୍ତେ ଉପସ୍ଥାପନ କରାଯିବ। ଉପରୋକ୍ତ ସମସ୍ୟା ଦୂର ହେଲେ ସ୍ଥାନୀୟ ଜନସାଧାରଣଙ୍କର ବହୁ ଦିନର ଦାବି ଏବଂ ଆଶା ପୂରଣ ହୋଇପାରିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ବୃଦ୍ଧି ପାଇବା ସହିତ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ପର୍ଯ୍ୟାପ୍ତ ମାନବସମ୍ବଳ ଅଭାବ ଦୂର ପାଇଁ ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ଇତିମଧ୍ୟରେ ବିଭିନ୍ନ ବର୍ଗର ୨୯୦୦ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ୩୧୭ ଓଏଏସ୍, ୧୧୦ ଓଆରଏସ୍, ୧୧୦୩ ଆରଆଇ ପଦବୀ ଅର୍ନ୍ତଭୁକ୍ତ ଥିବା ବେଳେ ୪୪୩ଟି ନୂଆ ଆରଆଇ ସର୍କଲ ସୃଷ୍ଟି କରାଯାଇଛି। ବିଭାଗ ଏକ ସମୟରେ ପାଖାପାଖି ୬୦୦ କୋଟି ଟଙ୍କାର ନିର୍ମାଣ ପ୍ରକଳ୍ପ ହାତକୁ ନେଇଛି। ଏସବୁ ପ୍ରକଳ୍ପ ମୁଖ୍ୟତଃ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହିତ ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ସହାୟକ ହେବ।






# ସରକାରୀ ଜାଗାରେ ବାସଗୃହ ତିଆରି



**ପାଟକୁରା :** କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଏବଂ ଗରଦପୁର ତହସିଲ ଅଧିନ କଳାବୁଦା ଗ୍ରାମ ପଞ୍ଚାୟତ କଳାବୁଦା ଗ୍ରାମରେ ମିନତୀ ପଣ୍ଡା, ପିତା-ଯୋଗେନ୍ଦ୍ର ପଣ୍ଡା, ସରକାରୀ ଖାତା ନଂ ୭୮୭, ସରକାରୀ ପ୍ଲଟ୍ ନଂ ୪୮୬ ଏ୦.୪୨ ସ୍କ ଏ୦.୦୪ ଡିସିମିଲ ଜାଗା ଉପରେ ୨୦୨୨ ମସିହାର ୩ ବଖରା ଘର ବାରଣ୍ଡା ନିର୍ମାଣ ବେଆଇନ ଭାବରେ କରିଚାଲିଛନ୍ତି। ଏହାକୁ ଛାତ ପକାଇବା ପାଇଁ ଚେଷ୍ଟା କରୁଛନ୍ତି। ଗରଦପୁର ତହସିଲଦାର ଏହାକୁ ଦେଖିଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ କରିନାହାନ୍ତି। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ପିଆଇଓ ଏଠାରେ କୌଣସି ଘର ନିର୍ମାଣ ହୋଇନାହିଁ। ଏଭଳି ବିଚିତ୍ର ପରିସ୍ଥିତିରେ ଏଠାରେ ଦେଖିବାକୁ ମିଳିଛି। ଏହି ତିଆରି ହେଉଥିବା ଘରଟି କଳାବୁଦା ନଦୀବନ୍ଧ କଡରେ ରହିଛି। ଏହାର ପୂର୍ବରେ ଚିତ୍ରୋତ୍ପଳା ନଦୀବନ୍ଧ ରାସ୍ତା, ପଶ୍ଚିମରେ କୁଳମଣି ପଣ୍ଡାଙ୍କ ଜାଗା, ଦକ୍ଷିଣରେ ଅଭିରାମ ମନ୍ଦିର ଏବଂ ଉତ୍ତରରେ ନିର୍ମାଣଧୀନ ଶ୍ରୀଜଗନ୍ନାଥ ମନ୍ଦିର। କେନ୍ଦ୍ରାପଡା ଜିଲ୍ଲାପାଳ ମହୋଦୟ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି